# ୭୪୬ ସୁଲଭ କେନ୍ଦ୍ରରୁ ପଞ୍ଚାୟତ ହାତରେ ୧

**ସଂକ୍ଷେପରେ**

## ପୁଅ କାମକୁ ନଯିବାରୁ ବାପାଙ୍କୁ ଘଟଣା, ଜଣେ ଗିରଫ

ରସୁଲପୁର,୨୯।୧୨(ଡି.ଏନ.ଏ.): କୁଆଖିଆ ଥାନା ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମ ଦଳିତ ସାହିରେ ମଜୁରି କାର୍ଯ୍ୟକୁ ନ ଯିବାକୁ ନେଇ ବୁଧବାର ହୋଇଥିବା ଗଣ୍ଡଗୋଳ ମାମଲାରେ ପୋଲିସ ଅଭିଯୁକ୍ତ ଉଲ୍ଲାସ ମଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଭାଇଙ୍କୁ ୪୧ ନୋଟସି ଦେଇ ଛାଡି ଦେଇଥିବା ଜଣାଯାଇଛି। ତେବେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଛାଡି ଦେଇଥିବା ଖବର ଜାଣି ଆହତ ପରିବାର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ, ଗ୍ରାମର କାଠିଆ ମଲିକଙ୍କ ବଡ଼ପୁଅ ତପନ ରାଜମିସ୍ତ୍ରୀ ସହ ମଜୁରିଆ କାମକୁ ନ ଯିବାରୁ ସେହି ଗ୍ରାମର ଦୁଇଭାଇ ମାନସ ଓ ଉଲ୍ଲାସ ମଲିକଙ୍କ ସମେତ ପରିବାର ଲୋକେ ତପନଙ୍କ ବାପା କାଠିଆଙ୍କୁ ଆକ୍ରମଣ କରିଥିଲେ। କାଠିଆ ଗୁରୁତର ଆହତ ହୋଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ଡାକ୍ତର କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଉକ୍ତ ଘଟଣାରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଭାଇଙ୍କୁ ଥାନାରେ ଅଟକ ରଖି ପରଚା ଉତୁରା କରିଥିଲା। ପରେ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅନଜଣଙ୍କୁ କିଭଳି ଛାଡି ଦେଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ କେସ୍‌ରେ ଦୁଇଜଣଙ୍କୁ କିଭଳି ଅଲଗା ଭାବରେ ପୋଲିସ ବିଚାର କଲା, ଦୁଇଭାଇ ଓ ପରିବାର ଅନ୍ୟ ସଦସ୍ୟମାନେ ଉକ୍ତ ଘଟଣାରେ ସାମିଲ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କ ପରିବାର ପ୍ରତି ଅନୁକମ୍ପା ଦେଖାଇ ଛାଡି ଦେଇଛି ବୋଲି ଆହତ କାଠିଆଙ୍କ ପୁଅ ତପନ ଅଭିଯୋଗ କରିଛନ୍ତି। ଘଟଣା ସହ ଉଲ୍ଲାସଙ୍କ ସଂପୃକ୍ତି ରହିଛି ବୋଲି ଦର୍ଶାଇ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟଜଣେ ଉପସ୍ଥିତ ଥିଲେ ଓ ଆହତ ସେତେ ଗୁରୁତର ନୁହେଁ ବୋଲି ଏକ୍ସରେ ରିପୋର୍ଟରୁ ଜାଣି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ଏ ନେଇ ଥାନାରେ ନଂ.୪୨୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଯାଜପୁର ସଦର,୨୯।୧୨(ଡି.ଏନ.ଏ.): ରାଜ୍ୟ ରାଜନୀତିର ସାଲିସ ବିହୀନ ରାଜନେତା ଅଶୋକ ଦାସଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ପାଟପାରାଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତିବର୍ଷ ପରି ସାଧୁ ସମ୍ମିଳନୀ, ଅଖଣ୍ଡ ଯଜ୍ଞ, ହୋମ, ସଂକୀର୍ତ୍ତନ, ଭଜନ ସମାରୋହ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତିସଭାର ମୁଖ୍ୟ ଆୟୋଜନକାରୀ ବିଶ୍ୱନାଥ ଶତପଥୀ, ପୂର୍ବତନ ଅଧକ୍ଷ ପର୍ଶୁରାମ ରାଉତ, ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଗଣେଶ ମହାକୁଡ଼, ପ୍ରକାଶ ତ୍ରିପାଠୀ, ସାମାଜିକ କର୍ମୀ ପ୍ରତାପ ମହାନ୍ତି, ପରେଶ ବିଶ୍ୱାଳ, ବିନୋଦ ମାଝି, ଯାଜପୁର ବ୍ଲକ୍ ବିଜେଡି ଯୁବ ସଭାପତି ଅଜୟ ମହାନ୍ତି, କରୁଣାକର ଆଚାର୍ଯ୍ୟ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ସୁଧାଂଶୁ ଶେଖର ସ୍ୱାଇଁ, ବ୍ଲକ୍ ଉପାଧକ୍ଷ କମଳ ଲୋଚନ ମଲ୍ଲିକ, ପ୍ରେମଲତା ଜେନା, ଜଗବନ୍ଧୁ ପଣ୍ଡା, ବାଇଆ ନନା, କାଳିଆ ନନା, ମନୋରଞ୍ଜନ ବିଶ୍ୱାଳ ଓ ଦେବଦତ୍ତ ଦାସ ପ୍ରମୁଖ ଯୋଗଦେଇ ଅଶୋକ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଯାଜପୁର ଅଫିସ,୨୯।୧୨

ଜଷ୍ଟିସ ୱାଧ୍ୱା କମିଶନଙ୍କ ରିପୋର୍ଟକୁ ଭିତ୍ତିକରି ରାଜ୍ୟ ସରକାର ୨୦୧୧ରେ ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହିକ୍ରମରେ ୨୦୧୨ ଏପ୍ରିଲରୁ ଷ୍ଟୋରେଜ ଏଜେଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ଜିଲାସ୍ତରରେ ବିଭାଗୀୟ ଷ୍ଟୋରେଜ ସେଣ୍ଟର କରାଯାଇଥିଲା। ଏଥିପାଇଁ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ନିଯୁକ୍ତ କରି ରିଟେଲର ସେଣ୍ଟର ବା ସରକାରୀ ସୁଲଭ ବିକ୍ରୟ କେନ୍ଦ୍ରଗୁଡିକ ଜରିଆରେ ପିଡିଏସ୍ ସାମଗ୍ରୀ ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୨୧ ମାର୍ଚ୍ଚରେ ଡିଲର ବ୍ୟବସ୍ଥା ଉଚ୍ଛେଦ କରି ପଞ୍ଚାୟତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସ୍‌ଏଚ୍‌ଜି), ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ଖାଉଟୀ ସାମଗ୍ରୀ ବିକ୍ରି ପାଇଁ ସରକାର ଘୋଷଣା କରିଥିଲେ। ହେଲେ ଯାଜପୁର ଜିଲାରେ ଥିବା ମୋଟ ୭୪୬ଟି ସରକାରୀ ସୁଲଭ ବିକ୍ରୟ କେନ୍ଦ୍ରରୁ ମାତ୍ର ୧ଟି ପଞ୍ଚାୟତ ହାତରେ ରହିଛି। ୩୬ଟି କେନ୍ଦ୍ର ଡବ୍ଲୁଏସ୍‌ଏଚ୍‌ଜି ଓ ଏସ୍‌ଏଚ୍‌ଜି ଏବଂ ୭୦୯ଟି କେନ୍ଦ୍ର ବ୍ୟକ୍ତିଗତ ଭାବେ ଖାଉଟି ସାମଗ୍ରୀ ବଣ୍ଟନ କରାଯାଉଛି। ଏଥିରେ ବ୍ୟାପକ ବାଟମାରଣା ସୁଯୋଗ ରହିଥିବାରୁ ଶାସକ ଦଳର କେତେଜଣ ସମର୍ଥିତ ବ୍ୟକ୍ତି ଏହାକୁ ହାତଛଡା କରିବାକୁ ଚାହୁଁ ନାହାନ୍ତି। ଫଳରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ପଞ୍ଚାୟତ କିମ୍ବା ଡବ୍ଲୁଏସ୍‌ଏଚ୍‌ଜିଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେବାରେ ଅବହେଳା କରାଯାଉଛି ବୋଲି ଅଭିଯୋଗ ହେଉଛି। ଏଥିରୁ ମହିଳାମାନଙ୍କୁ କେତେ ସଶକ୍ତିକରଣ କରାଯାଉଛି ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

> ■ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅବ୍ୟବସ୍ଥା
> ■ ଘୋଷଣା ତା’ବାଟରେ
> ■ ବାଟମାରଣା ସୁଯୋଗକୁ ଗୁରୁତ୍ୱ

ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲାର ଯାଜପୁର ଏବଂ ବ୍ୟାସନଗର ପୌରପରିଷଦ ସମେତ ସମୁଦାୟ ୧୦ଟି ବ୍ଲକରେ ୪,୧୭,୨୭୪ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩,୯୩,୬୧୨ ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ୨୩,୬୬୨ ପରିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି। ଏହାବାଦ୍ ଅନ୍ତ୍ୟୋଦୟ ଯୋଜନାରେ ୪୫,୨୮୯ ଜଣ ହିତାଧିକାରୀ ରହିଛନ୍ତି। ଏହି ଯୋଜନା ଆରମ୍ଭ ହେବାଠାରୁ ୫,୨୯୩ ଜଣ ହିତାଧିକାରୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମାତ୍ର କଣ୍ଟ୍ରୋଲ ସାମଗ୍ରୀ ପରିବହନ ଠିକାଦାରଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଗରିବ ହିତାଧିକାରୀଙ୍କ ପ୍ରାପ୍ୟରୁ ସେମାନେ ମାସିକ ବିପୁଳ ପରିମାଣର ଚାଉଳ ବାଟ ମାରଣା ହେଉଥିବା ଅଭିଯୋଗ ହୋଇ ଆସୁଛି। ଅଧିକାଂଶ ଡିଲର ଓଜନରେ ଠକେଇ କରି ପରିବାର ପିଛା ୪ ରୁ ୫ କିଲୋଗ୍ରାମ କମ୍ ଖାଉଟି ସାମଗ୍ରୀ ଯୋଗାଣ କରୁଛନ୍ତି ବୋଲି ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଗରିବ ହିତାଧିକାରୀ ଅଭିଯୋଗ କଲେ ସମ୍ପୃକ୍ତ ଡିଲର ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରୁଛନ୍ତି। ମାତ୍ର ୧ ଟଙ୍କାରେ ସ୍ୱଳ୍ପ ମୂଲ୍ୟରେ ହିତାଧିକାରୀ ସାମଗ୍ରୀ ପାଉଛି, ତେଣୁ ହିତାଧିକାରୀ କୌଣସି ଝାମେଲାକୁ ନ ଯାଇ ଚୁପ୍ ରହିବାକୁ ବାଧ୍ୟ ହେଉଛି। ଏଥି ସହିତ ବହୁ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇଥିବାରୁ କଟିଯିବା ଭୟରେ ଏହି ଅନ୍ୟାୟର ପ୍ରତିବାଦ ନ କରି ଚୁପ ରହିବାକୁ ଉଚିତ୍ ମଣୁଛନ୍ତି । ଏହାସହ ସରକାର ମୁଣ୍ଡ ପିଛା ୬୩୦ ମିଲିଲିଟର କିରୋସିନ ପ୍ରଦାନ କରୁଥିବା ବେଳେ ସମ୍ପୃକ୍ତ ଡିଲର ମୁଣ୍ଡ ପିଛା ୫୦୦ ମିଲିଲିଟର କିରୋସିନି ବଣ୍ଟନ କରି ଅବଶିଷ୍ଟ ୧୩୦ ମିଲିଲିଟରକୁ ବାଟମାରଣା କରି ଚଢା ଦରରେ ବିକ୍ରୟ କରୁଛନ୍ତି । ଏହାକୁ ହିସାବ କଲେ ଗୋଟିଏ ବ୍ଲକରେ ପ୍ରାୟ ୧୫ ହଜାର ଲିଟର କିରୋସିନ ବାଟ ମାରଣା ହେଉଥିବା ସନ୍ଦେହ କରାଯାଉଛି। ଏହି କିରୋସିନକୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଅପମିଶ୍ରଣ କରାଯାଉଥିବା କୁହାଯାଉଛି। ଖାଉଟିମାନଙ୍କୁ ନିର୍ଦ୍ଧାରିତ ଓଜନରୁ କମ୍ ସାମଗ୍ରୀ ଯୋଗାଣକୁ ନେଇ କେତେଜଣ ଡିଲର ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି, ଖାଉଟି ସାମଗ୍ରୀ ପରିବହନ କରୁଥିବା ଠିକାଦାର ଠିକ୍ ଓଜନର ସାମଗ୍ରୀ ଦେଉ ନାହାନ୍ତି। ବସ୍ତା ପିଛା ୫୦ କେଜି ହାରରେ ସାମଗ୍ରୀ ଯୋଗାଣ ହେବା କଥା । କିନ୍ତୁ ବାସ୍ତବରେ ଏକ ବସ୍ତାରେ ୪୭ ରୁ ୪୮ କିଲୋ ଓଜନର ସାମଗ୍ରୀ ଥାଏ । ତେଣୁ ବାଧ୍ୟ ହୋଇ ଖାଉଟିମାନଙ୍କୁ ନିର୍ଦ୍ଧାରିତ ଓଜନଠାରୁ କମ କରି ଦେବାକୁ ପଡିଥାଏ। କେତେକ ସ୍ଥାନରେ ଡିଲରମାନେ ପ୍ରତି ମାସର ବଳକା ସାମଗ୍ରୀକୁ ବେଆଇନ ଭାବେ ଗଚ୍ଛିତ ରଖି ପରବର୍ତ୍ତୀ ସମୟରେ କଳା ବଜାରରେ ବିକ୍ରୟ କରୁଛନ୍ତି । ଗ୍ରାମବାସୀ ସେମାନଙ୍କୁ ଧରାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା କଳାବଜାରୀଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ମତପ୍ରକାଶ ପାଇଛି।

ଖାଉଟି ସାମଗ୍ରୀ ଯୋଗାଣରେ ଏଭଳି ଭାବେ ଅତ୍ୟଧିକ ଲାଭ ଥିବାରୁ ପରିବହନ ଠିକାଦାର ନିଯୁକ୍ତି ପାଇଁ ପ୍ରତିଯୋଗିତା ହୋଇଥାଏ। ୨୦୨୧ ଅକ୍ଟୋବରରେ କଷ୍ଟମ ମିଲ୍ଡ ଚାଉଳ ଆର୍‌ଆର୍‌ସି(ରାଇସ ରିସିଭିଂ ସେଣ୍ଟର)ରୁ ସୁଲଭ ବିକ୍ରୟ କେନ୍ଦ୍ରକୁ ପରିବହନ ପାଇଁ ଲେଭୁଲ-୨ ଠିକାଦାର ନିଯୁକ୍ତି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। କେତେଜଣ ନିର୍ଦ୍ଦିଷ୍ଟ ପରିବହନ ଠିକାଦାର ଅସାଧୁ ମେଣ୍ଟ କରି ଡମି ନିଲାମ ଡକାଳି(ବିଡର) ଦେଇ ଟେଣ୍ଡର ହାତେଇଥିବା ନେଇ ସୁକିନ୍ଦା ଓ ଦାନଗଦି ବ୍ଲକର ୨ ଜଣ ବିଡର ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର ବିଷୟ, କେତେଜଣ ଠିକାଦାର ଧାର୍ଯ୍ୟଦରଠାରୁ ୫୨% ପର୍ଯ୍ୟନ୍ତ କମରେ ପରିବହନ ଠିକାଦାର ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଏକ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତ ଓ ଏସଏଚ୍‌ଜି ଜରିଆରେ ରାଶନ ସାମଗ୍ରୀ ଯୋଗାଣ ପାଇଁ ଉଦ୍ୟମ ଜାରି ରଖିଛୁ ।

## ଗ୍ରାମୀଣ ଆବାସ ପାଇଁ ୩୪,୬୩୨ ହିତାଧିକାରୀ ଚିହ୍ନଟ


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ ।

ଯାଜପୁର ଟାଉନ, ୨୯।୧୨(ଡି.ଏନ.ଏ.):

ଯାଜପୁର ଜିଲାରେ ୨୦୨୨-୨୩ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବସ ଯୋଜନା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ପ୍ରକୃତ ହିତାଧିକାରୀ ଚୟନ, ଯାଞ୍ଚ ପ୍ରକ୍ରିୟା ଏବଂ ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ବୁଧବାର ଅପରାହ୍ନରେ ଜିଲା ପରିଷଦ ମିନି ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଏହି ଅଧୀନରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପରୀକ୍ଷାମୂଳକ ଭାବେ ଚୂଡ଼ାନ୍ତ ହୋଇଛି। ଜିଲାର ୧୦ ବ୍ଲକ୍‌ରୁ ସର୍ବମୋଟ ୩୪,୬୩୨ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ହିତାଧିକାରୀଙ୍କ ବ୍ଲକ୍‌ୱାରି ତାଲିକା ଜିଲା ୱେବ୍‌ସାଇଟ୍‌ରେ ଅପଲୋଡ୍ ହୋଇଛି। ପୂର୍ବ ଜନ ଗଣନା ସମୟରେ ଯାହାକୁ ପରିବାର ରୂପେ ଗ୍ରହଣ କରାଯାଇଛି ସେହି ହିସାବରେ ସାର୍ବଜନୀନ ତାଲିକା ପ୍ରସ୍ତୁତ କରାଯାଇଛି। ମାତ୍ର ଏହି ତାଲିକା ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ। ଏହା ପର୍ଯ୍ୟାୟ କ୍ରମେ ଯାଞ୍ଚ କରାଯାଇ ପୂର୍ଣ୍ଣାଙ୍ଗ ତାଲିକା ଧାର୍ଯ୍ୟ ସମୟ ପରେ ପ୍ରକାଶ କରାଯିବ। ତାଲିକାରେ କୌଣସି ଆପତ୍ତି ଅଭିଯୋଗ ରହିଥିଲେ ତାହା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଥବା ସମ୍ପୃକ୍ତ ବ୍ଲକ୍‌ର ବିଡିଓଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ ବୋଲି ବେହୁରିଆ ପ୍ରକାଶ କରିଛନ୍ତି। ଏହି ତାଲିକା ୨୦୧୭ର ସୋସିଓ ଇକୋନୋମିକ କାଷ୍ଟ୍ ସେନ୍‌ସସ୍(ଏସ୍‌ଇସିସି) ଏବଂ ୨୦୧୯ ଫନୀ ବାତ୍ୟା ପରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ଆବେଦନ ଅନୁଯାୟୀ ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଇଛି। ଏହି ସମ୍ମିଳନୀରେ ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରଶ୍ମିରେଖା ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର ସୋହାନା ବେଗମ୍ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଅଂଶଗ୍ରହଣ କରିଥିଲେ।

## ଆଜି ଦିବାରାତ୍ର ଭଲିବଲ ପ୍ରତିଯୋଗିତା

ବ୍ରହ୍ମବରଦା,୨୯।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତର ମୁସଲିମ ସାମାଜିକ ଅନୁଷ୍ଠାନ ଅଲ-ଉମାହା-ମାଇନୋରିଟି ୱେଲଫେୟାର ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ବ୍ରହ୍ମବରଦା ପାଟିଆ ଷ୍ଟାଡିୟମଠାରେ ଦିନିକିଆ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଏପିଜେ ଅବଦୁଲ କଲାମ ସ୍ପୋଟସ୍ କ୍ଲବ୍ ଜୟପୁର, ପ୍ରଗତି କ୍ଲବ୍ ମୁଗୁପାଳ, ଜାରକା ଷ୍ଟାଡିୟମ କ୍ଲବ୍ ଓ ଆଲ୍-ଉମାହା-ସ୍ପୋର୍ଟ୍ସ କ୍ଲବ୍ ପ୍ରମୁଖ ଟିମ ଯୋଗଦାନ କରିବେ। ପ୍ରତିଯୋଗିତା ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅନୁଷ୍ଠାନ ସଭାପତି ଆୟୁବ ଅଲ୍ଲୀ, ସମ୍ପାଦକ ଅକ୍ତର ହୁସେନ ଖାନ୍ ଓ ସଂଯୋଜକ ବିଜୟ କୁମାର ଦାସ ପ୍ରମୁଖ ସୂଚନା ଦେଇଛନ୍ତି।

## ବର୍ଷୀୟାନ ଶିକ୍ଷକଙ୍କ ବିୟୋଗ

ସିଂହପୁର,୨୯।୧୨(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରାହାସ ଗୁହାଳୀ ଗ୍ରାମର ବର୍ଷିୟାନ ଶିକ୍ଷକ ଜଳଧର ସାମଲଙ୍କ ଗତ ୨୭ ତାରିଖରେ ବିୟୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଉଦୟଭାନୁ ସାହିତ୍ୟ ସଂସଦ ତରଫରୁ ଏକ ଶୋକସଭା କରାଯାଇଥିଲା। ବ୍ରଜସୁନ୍ଦର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରମୋଦ ସାମଲ, ପ୍ରଫୁଲ ବେହେରା, ସରୋଜ ମଲିକ, ଧନେଶ୍ୱର ଦାସ, ବିଷ୍ଣୁ ସାମଲ, ରାଜେନ୍ଦ୍ର ସାମଲ, ହେମନ୍ତ ସାମଲ, ବୀରେନ୍ଦ୍ର ବାରିକ, ଅନିଲ ସାମଲ, ରବୀନ୍ଦ୍ର ସାମଲ, ରାମଚନ୍ଦ୍ର ନାୟକ, ଅକ୍ଷୟ ସେଠୀ, ବସନ୍ତ ସେଠୀ, ତାରାକାନ୍ତ ସାମଲ, ସୁରେଶ ସାମଲ, ମନୋଜ ଦାସ ଓ ସୁରେନ୍ଦ୍ର ପତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସାମଲ ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ ବୋଲି ସଭାରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ରାମ୍ଭପୁର କଇଥା ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ମୃତ୍ୟୁଞ୍ଜୟ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କଳିଙ୍ଗନଗର,୨୯।୧୨(ଡି.ଏନ.ଏ.):

ମନୋହରପୁର ଷ୍ଟାର୍ ଇଲେଭେନ ଆନୁକୂଲ୍ୟରେ ୧୨ତମ ମୃତ୍ୟୁଞ୍ଜୟ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ରାମ୍ଭପୁର କଇଥା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦାନଗଦି ବ୍ଲକ ଉପାଧକ୍ଷ ଅଜୟ କୁମାର ବିନ୍ଧାଣି, ଯଖପୁରା ଥାନା ଅଧିକାରୀ ଜଗଦୀଶ କର, ସାମାଜିକ କର୍ମୀ ବସନ୍ତ କୁମାର ବାରିକ(ନିଲୁ), ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଭରତ ଚନ୍ଦ୍ର ବିଶ୍ୱାଳ, ସନ୍ଦୀପ ଜେନା, ବିଷ୍ଣୁ ଚନ୍ଦ୍ର ବିଶ୍ୱାଳ, ପରମାନନ୍ଦ ନାୟକ ଓ ରବୀନ୍ଦ୍ର ଜେନା ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଦିଲୀପ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଇଂ. ବିଭୁତି ଭୂଷଣ ରାଉତ ସଭା ପରିଚାଳନା କରିଥିଲେ।

ଫାଇନାଲ ମ୍ୟାଚ୍ ମାନପୁର ଓ ରାମ୍ଭପୁର କଇଥା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନପୁର ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୧୩.୧ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଞ୍ଜିତ ସର୍ବାଧିକ ୧୩ ବଲ ଖେଳି ୨୭ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ପପୁନି ରାଉତ ୩ ଓଭର ବୋଲିଂ କରି ୨୧ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ରାମ୍ଭପୁର କଇଥା ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୨ ଓଭର ଖେଳି ୫ ଉଇକେଟ ହରାଇ ୧୦୯ରନ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ବାରିକ ୨୧ ବଲ୍ ଖେଳି ୨୫ ରନ ସଂଗ୍ରହ କରିଥିଲେ। ଫଳରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦଳର ଅନ୍ୟତମ ଖେଳାଳି ସୁନନ୍ଦ ପଲେଇ ମ୍ୟାନ ଅଫଦି ସିରିଜ ହୋଇଥିଲେ। ଖେଳକୁ ପିଣ୍ଟୁନାଥ ଓ ଅନିଲ ସେଠୀ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ତରଣୀ ସେନ, ସ୍କୋରର ଭାବେ ବିପ୍ରଜିତ ସାମଲ ଓ ଦିବ୍ୟରଞ୍ଜନ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଷ୍ଟାର୍ ଇଲେଭେନ ମନୋହରପୁରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିରଜା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୨୯।୧୨(ଡି.ଏନ.ଏ.):



ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଅଖିଳ ମୋହନ ପାଢ଼ୀ ସଭାପତିତ୍ୱ କରିଥିଲେ। ଯାଜପୁର ଅତିରିକ୍ତ ଜିଲାପାଳ(ସାଧାରଣ) ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ସ୍ଥିର ଲକ୍ଷ୍ୟ ପୋଷଣ କରିବା ସହ ଅଧବସାୟ ଜାରି ରଖି ଈପସିତ ସ୍ୱପ୍ନକୁ ସାକାର କରିବାକୁ ସେ ପ୍ରେରଣା ଦେଇଥିଲେ। ଯାଜପୁର ପୌର ପରିଷଦର ପ୍ରାକ୍ତନ ଅଧକ୍ଷ ଭବ ପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଜିକୁ ୪୦ ବର୍ଷପୂର୍ବେ ଯାଜପୁର ମାଟିର ଯେଉଁ ବରେଣ୍ୟ ପ୍ରତିଭାମାନେ ମହିଳାଙ୍କ ଉଚ୍ଚଶିକ୍ଷା ନିମନ୍ତେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ସେମାନେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଦର୍ପନାରାୟଣ ଲେଙ୍କା ଯୋଗଦେଇ ଛାତ୍ରସମାଜ ଏବେ କଠିନ ପରିଶ୍ରମ ଓ ଈପସିତ ଲକ୍ଷ୍ୟରୁ ଦୂରେଇ ଯାଉଛନ୍ତି ବୋଲି କହିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଶିବ ତାଣ୍ଡବ, ଓଡ଼ିଶୀ ନୃତ୍ୟ ଓ ଅନ୍ୟ ଅଭିନୟ ପ୍ରଦର୍ଶିତ ହୋଇଥିଲା।

## ହାଇଟେକ୍ ବିଜ୍ଞାନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ରସୁଲପୁର,୨୯।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ନିକଟସ୍ଥ ହାଇଟେକ୍ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ଗ୍ରୁପ୍ର ଡିନ୍ ଡ. ଅଲେଖ ଚନ୍ଦ୍ର ନାୟକ ଖେଳକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ସନ୍ଦୀପ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଅଧ୍ୟାପକ ଡ. କପିଳ ଚରଣ ମହାନ୍ତି, ଅଧ୍ୟାପିକା ଅଧ୍ୟାପକ କ୍ରିଷ୍ଣା ଦାସ, ଅଞ୍ଜିସ୍ମିତା ବିଶ୍ୱାଳ, ବର୍ଷା ପ୍ରିୟଦର୍ଶିନୀ ସାହୁ, ସୁଧାହସିନୀ ସାହୁ, ଗୌତମୀ ମିଶ୍ର, ଶୁଭଶ୍ରୀ ଦାସ, ସ୍ମରଣିକା ସାହୁ, ସ୍ୱର୍ଣ୍ଣପ୍ରଭା ବେହେରା, ଅଙ୍କିତାମଣି ଓଝା, ଶକ୍ତିପ୍ରଦା ରାୟ, ପୂର୍ଣ୍ଣିମା ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ମାନସୀ ସାହୁ, ସନ୍ତୋଷୀଦତ୍ତ ପ୍ରିୟଦର୍ଶିନୀ, ବାଳକୃଷ୍ଣ ସାହୁ, ରଜତ ମହାଲିକ, ବିପନବିହାରୀ ପାଇକରାୟ, ବିଶ୍ୱଜିତ୍ ସେଠୀ, ପ୍ରଶାନ୍ତ ଖଟୁଆ, ମନୋଜ ବାରିକ, ଶଙ୍କର ପାଣିଗ୍ରାହୀ, ମୋନାଲିସା ସେଠୀ, ରାଧାରାଣୀ ସାହୁ, ବୈଶାଖି ପ୍ରିୟଦର୍ଶିନୀ ସିଂ, ସୁନିତା ନାୟକ, ଶାନ୍ତିଲତା ପ୍ରହରାଜ, ଅଞ୍ଜନା ଦାସ, ବାସନ୍ତୀ ବିନ୍ଧାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବାସହ କ୍ରୀଡ଼ା ପ୍ରତିଯୋଗିତାକୁ ତଦାରଖ କରିଥିଲେ। ବିଦ୍ୟାଳୟ ଖେଳାଳିମାନଙ୍କ ଦ୍ୱାରା ହରିପୁର ଜଗନ୍ନାଥ ମଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ କଲେଜର ନିଉ କ୍ୟାମ୍ପସ୍‌ଠାରେ ପହଞ୍ଚିଥିଲା। ଖେଳ ଶିକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ, ପ୍ରଶାସନିକ ଅଧିକାରୀ ପ୍ରମୋଦ ଦଳାଇ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ଅଧ୍ୟାପିକା/ଅଧ୍ୟାପକମାନେ ଯୁକ୍ତ ୨ ଓ ଯୁକ୍ତ ୩ର ବିଭିନ୍ନ ବର୍ଗର ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଯୁକ୍ତ୨ବାଳିକା ବିଭାଗର ତପସ୍ୱିନୀ ସଏ, ବାଳକ ବିଭାଗରୁ ହରପ୍ରସାଦ ରାୟ, ଯୁକ୍ତ୩ ବାଳିକା ବିଭାଗର ଶୁଭଲକ୍ଷ୍ମୀ ପଟ୍ଟ, ବାଳକ ବିଭାଗର ରୁଦ୍ରନାରାୟଣ ପତି ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଅଧ୍ୟାପିକା ଭାନୁପ୍ରିୟା ଲେଙ୍କା ଧନ୍ୟବାଦ ଦେଇଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିବା ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ।

## ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବଡ଼ଚଣା ପଞ୍ଚାୟତ ସମିତିର ଚତୁର୍ଥ ବୈଠକ**

ଚଣ୍ଡିଖୋଲ,୩୦।୧୨(ଡି.ଏନ୍.ଏ.):


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି ।

ବଡ଼ଚଣା ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାରପ୍ରାପ୍ତ ବିଡିଓ ଦେବେନ୍ଦ୍ର ବଳ ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବା ନେଇ ପ୍ରଥମେ ଜିଲା ପରିଷଦ ଉପସଭାପତି ତଥା ୧୭ ନଂ ଜୋନର ଜିଲା ପରିଷଦ ସଭ୍ୟ ଗଣେଶ୍ୱର ବରାଳ ଆପତ୍ତି ଉଠାଇଥିଲେ। ଏହାକୁ ଉପସ୍ଥିତ ଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ସମର୍ଥନ କରିଥିଲେ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀ ସାଧାରଣ ବୈଠକରେ ଉପସ୍ଥିତ ରହି ଜନପ୍ରତିନିଧିଙ୍କର ଉତ୍ତର ଦେବା ଉଚିତ୍। କିନ୍ତୁ ଏହି ବୈଠକରେ ଅଳ୍ପ କିଛି ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ବହୁ ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ। ୨୮ ତାରିଖରେ ପଞ୍ଚାୟତ ସମିତି ବୈଠକ ଥିବା ବେଳେ ଏହାର ୧୨ ଦିନ ପୂର୍ବରୁ ଅର୍ଥାତ୍ ଗତ ୧୬ ତାରିଖରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ଚିଠି କରିଥିଲେ। ତେବେ ଏଥିରେ ଅନୁପସ୍ଥିତ ରହିବା ନେଇ ବୈଠକରେ ହୋହଲ୍ଲା ହୋଇଥିଲା। ଏପରିକି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ଛତିଆ ପଞ୍ଚାୟତ, ସୁଙ୍ଗୁଡ଼ା ଓ ବାଲିଚନ୍ଦ୍ରପୁର ପଞ୍ଚାୟତରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ବଣ୍ଟନ ନ ହୋଇ ପଡ଼ିରହିବା ଏବଂ ସେଥିପାଇଁ ବ୍ଲକ ପ୍ରଶାସନର ବିଭିନ୍ନ ପଞ୍ଚାୟତ ପାଇଁ ଭିନ୍ନ ଭିନ୍ନ ନିୟମ କାନୁନ୍ କରାଯିବା ନେଇ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସୁଙ୍ଗୁଡ଼ା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଓ ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ପ୍ରମୁଖ ପ୍ରଶ୍ନ ଉଠାଇଥିଲେ।

କଲ୍ୟାଣମଣ୍ଡପ ଗୁଡ଼ିକ ପଞ୍ଚାୟତକୁ ହସ୍ତାନ୍ତର କରିବା ନିୟମ ଥିଲା ବେଳେ ଚଣ୍ଡିଖୋଲ ଓ ବାଲିଚନ୍ଦ୍ରପୁର କଲ୍ୟାଣମଣ୍ଡପକୁ ବ୍ଲକ୍ ପ୍ରଶାସନ ହାତରେ ରଖିବା ନେଇ ପ୍ରଶ୍ନ ଉଠିଥିଲା। ବଡ଼ଚଣାରେ ହେଉଥିବା ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ମନ୍ଥରକୁ ନେଇ ପ୍ରଶ୍ନ ଉଠାଇଥିଲେ। ବଉଳା ସରପଞ୍ଚ ସମୀର ରାଉତ ଓ ସମିତି ସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଶସ୍ମିତା ମହାନ୍ତି, ଯତିନ୍ଦ୍ର ପ୍ରସାଦ ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ ଓ ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତିଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ନୃତ୍ୟଗୀତରେ ବିଭୋର ହେଲେ ଦର୍ଶକ



କଳାକାରମାନେ ଗୀତର ତାଳେତାଳେ ମଞ୍ଚରେ ଷ୍ଟଣ୍ଟ ଶୋ' ଦେଖାଉଛନ୍ତି।



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଡେରାବିଶ,୨୯।୧୨ (ସ୍ୱ.ପ୍ର.)**

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଡେରାବିଶ ମହୋତ୍ସବର ୫ମ ସନ୍ଧ୍ୟା ଗୁରୁବାର ଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଗୀତ ମିଳନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରଙ୍କ ଦ୍ୱାରା ପରିବେଶିତ୍ ନୃତ୍ୟ ଗୀତରେ ଉପସ୍ଥିତ ଦର୍ଶକ ଭରପୁର ମଜା ଉଠାଇ ଥିଲେ। ଗୀତର ତାଳେ ତାଳେ କଳାକାରମାନେ ନିଆଁ ଜାଳି ଷ୍ଟଣ୍ଟ ଶୋ ଦେଖାଇଥିଲେ। ବିଶେଷକରି ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ କୁମାର ସାହୁ, ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ, ଶଙ୍କର ପ୍ରଧାନଙ୍କ ହାସ୍ୟ ଅଭିନୟ ସାଙ୍ଗକୁ ବ୍ୟଙ୍ଗାତ୍ମକ କଥା ଦର୍ଶକଙ୍କୁ ବିଭୋର କରିଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗ ଦେଇ ସଦ୍‌ଭାବନା ସୃଷ୍ଟି କରିବାରେ ଡେରାବିଶ ମହୋତ୍ସବ ସହାୟକ ହୋଇଛି ବୋଲି କହିଥିଲେ। ମହାପାତ୍ର ତାଙ୍କ ବକ୍ତବ୍ୟରେ ଦୀର୍ଘ ୧୧ ବର୍ଷ ଧରି ଡେରାବିଶ ସମେତ କେନ୍ଦ୍ରାପଡ଼ା ଜିଲା ମାଟିର ପ୍ରାଚୀନ ସଂସ୍କୃତି ଓ ଐତିହ୍ୟକୁ ପୁନର୍ଜୀବିତ କରିବା ପାଇଁ ମହୋତ୍ସବ କମିଟି ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହା ଐତିହାସିକ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି

**ଡେରାବିଶ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

**ସଦ୍‌ଭାବନା ସୃଷ୍ଟି କରିବାରେ ମହୋତ୍ସବ ସହାୟକ ହୋଇଛି**

ଭାବେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଯୋଗଦେଇ କେନ୍ଦ୍ରାପଡା ଓ ଡେରାବିଶର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଥିସହ ପ୍ରାଚୀନ ନୌ-ବାଣିଜ୍ୟ ପରମ୍ପରା କେବଳ ଡେରାବିଶ ନୁହେଁ ସମଗ୍ର କେନ୍ଦ୍ରାପଡ଼ାର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା। ନାୟକ ଆହୁରି କହିଥିଲେ, ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନିତ ହେବାକୁ ଯାଉଥିବା ପର୍ଯ୍ୟଟନ କେନ୍ଦ୍ର ଭିତରକନିକା ସହ ହୁକିଟୋଲା ଏହି ଅଞ୍ଚଳର ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାହାଜାନ୍ ଖାଁ, ଅତୁଲ୍ୟ କୁମାର ରଥ, ମରୁତ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନାଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ଡେରାବିଶ ମହୋତ୍ସବରେ ଦେଖିବା ଲାଗି ଦର୍ଶକଙ୍କ ଭିଡ଼।

### ଠୁଙ୍କାପୁରି ଦୋକାନରେ ଗହଳି

ଡେରାବିଶ ମହୋତ୍ସବରେ ପଡ଼ିଥିବା ବହୁ ଖାଦ୍ୟ ଷ୍ଟଲ ମଧ୍ୟରୁ ଠୁଙ୍କାପୁରିର ଚାହିଦା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। ବିଶେଷକରି ମହିଳାମାନେ ଠୁଙ୍କାପୁରି ଖାଇବା ପାଇଁ ଦୋକାନରେ ପ୍ରବଳ ଭିଡ଼ ଜମାଉଛନ୍ତି। ଜଣେ ଇଞ୍ଜିନିୟରିଂ କଲେଜ ଛାତ୍ରୀ ସୁଶ୍ରିତା ମହାନ୍ତି କହନ୍ତି, ପ୍ରତ୍ୟେକ ବର୍ଷ ମହୋତ୍ସବ ବୁଲିବାକୁ ଆସିଥାଏ। ଚଳିତବର୍ଷ ମହୋତ୍ସବକୁ ପ୍ରଥମକରି ଆସିଥିବା ଠୁଙ୍କାପୁରି ଦୋକାନରେ ଖାଇବା ପାଇଁ ହାତଛଡ଼ା କରିନାହିଁ।

### ରଙ୍ଗିନ ବେଲୁନ୍‌ର ଚାହିଦା

ଚଳିତ ବର୍ଷ ମହୋତ୍ସବକୁ ରାଜସ୍ଥାନରୁ ମିଳନ ନାମକ ଜଣେ ଯୁବକ ଆକର୍ଷଣୀୟ ରଙ୍ଗିନ ବେଲୁନ୍ ଆଣିଥିବାରୁ ଏହାକୁ କିଣିବାକୁ ପିଲାଙ୍କ ମଧ୍ୟରେ ଆଗ୍ରହ ବଢ଼ିଚାଲିଛି। ୧୨୦ ଟଙ୍କା ମୂଲ୍ୟରେ ଏହି ବେଲୁନ୍ ଦୋକାନରେ ଭଲ ବିକ୍ରୟ ହେଉଥିବା ଦେଖିବାକୁ ମିଳିଛି।

### ଓରମାସ ଷ୍ଟଲରେ ଭିଡ଼

ମହୋତ୍ସବରେ ଜିଲା ଓରମାସ ପକ୍ଷରୁ ୪୦ଟି ଷ୍ଟଲ ଖୋଲାଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ହାତ ତିଆରି ଘର କରଣା ସାମଗ୍ରୀ ବିକ୍ରି ହେଉଛି। ଏହାକୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମିଛି। କଳିଙ୍ଗ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ଏମ୍ବ୍ରୋଡରୀ ବେଡ଼ସିଟ୍ ଓ ଅନ୍ୟ ସାମଗ୍ରୀ ଚାହିଦା ଅଧିକ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ୩୧ରେ ଜାଗୁଲେଇଙ୍କ ପୀଠରେ ବାଦିପାଲା ମହୋତ୍ସବ

**ଡେରାବିଶ,୨୯।୧୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ନିକଟରେ ଡେରାଡିହସ୍ଥିତ ମା' ଜାଗୁଲେଇଙ୍କ ପୀଠରେ ଶନିବାରଠାରୁ ଆରମ୍ଭ ହେବ ବାଦିପାଲା ମହୋତ୍ସବ। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ବିଶିଷ୍ଟ ଗାୟକ ଡ. ଶିଶିର କୁମାର ପାଢ଼ୀ, କଳାକାର ନାୟକ, ସନାତନ ଦାସ, ଗଗନ ମହାପାତ୍ର, ଅଜୟ କୁମାର ଜେନା ପ୍ରମୁଖ ପାଲା ପରିବେଶଣ କରିବେ। ଏହି ପାଲା ଅନୁଷ୍ଠାନ ବହୁ ପ୍ରାଚୀନ ହୋଇଥିବା ବେଳେ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲାର ପାଲା ପ୍ରେମୀ ଏକାଠି ହୋଇ ପାଲା ପ୍ରଦର୍ଶନକୁ ଉପଭୋଗ କରିଥାଆନ୍ତି। ଡେରାଡିହ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ମହୋତ୍ସବକୁ ଚଳିତବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଅନୁଷ୍ଠାନର କର୍ମକର୍ତ୍ତା ସଞ୍ଜୟ କେତନ ସୁନ୍ଦରାୟ ସୂଚନା ଦେଇଛନ୍ତି।

### ଗୌରବ ଆଣିଲେ ଐଶ୍ୱର୍ଯ୍ୟା

**ରାଜନଗର, ୨୯।୧୨(ଡି.ଏନ.ଏ.):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ରାଜ୍ୟସ୍ତରୀୟ ୩୯ତମ ଶିଶୁ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଶହୀଦ ଭବନ ପରିସରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଏକକ ଅଭିନୟ ମାଧ୍ୟମରେ ଦର୍ଶକ ଓ ବିଚାରକମାନଙ୍କୁ ବିମୋହିତ କରିଦେଇଥିବା ରାଜନଗର ବ୍ଲକ ସାତଭାୟା ପଞ୍ଚୁବରାହୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଐଶ୍ୱର୍ଯ୍ୟା ରାଉତ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ରାଜନଗର ପାଇଁ ଗୌରବ ଆଣିଛନ୍ତି। ଏହି ଖବର ସାତଭାୟା ସମେତ ରାଜନଗର ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ଆୟୋଜିତ ଉଦ୍‌ଯାପନ ଉତ୍ସବରେ କଟକ ଜିଲାପାଳ ଡ. ଭବାନୀ ଶଙ୍କର ଚୟନି, ବିଶିଷ୍ଟ ଶିକ୍ଷାବିତ୍ ମୀନକେତନ ପାଢୀ, ପୁରୀ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀ ଐଶ୍ୱର୍ଯ୍ୟାଙ୍କୁ ପୁରସ୍କୃତ କରିଥିଲେ।

# ପଞ୍ଚାୟତ ସ୍ତରରେ ଖେଳକୁଦ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ରାଜନଗର, ୨୯।୧୨(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆୟୋଜନ କରାଯିବ। ଆସନ୍ତା ଜାନୁୟାରୀ ୪ ରୁ ୧୦ ତାରିଖ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଥିବା ଯୁବ ଓ ଛାତ୍ର କ୍ରୀଡାବିତ୍‌ମାନଙ୍କ ପ୍ରତିଭାକୁ ଚୟନ କରିବା ପାଇଁ ଏହି ଖେଳକୁଦ ପ୍ରତିଯୋଗିତା କରାଯିବ। ଏ ନେଇ ଆଜି ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜୋନାଲ କ୍ରୀଡା ଶିକ୍ଷକ ସୀତାକାନ୍ତ ରାଉଳ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପଞ୍ଚାୟତସ୍ତରରେ ୪ ରୁ ୧୦ ତାରିଖ ମଧ୍ୟରେ ଭଲିବଲ ଓ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୨ ତାରିଖରେ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ମହିଁଷାସୁର ପଞ୍ଚାୟତ ପଡିଆରେ ଅନୁଷ୍ଠିତ ହେବ। ଭଲିବଲ ଟୁର୍ନାମେଣ୍ଟ ପେଣ୍ଠ ବେଳାଭୁମିରେ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଖେଳ ପାଇଁ ପ୍ରତି ପଞ୍ଚାୟତକୁ ୧୦ହଜାର ଏବଂ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ୫୦ହଜାର ଟଙ୍କା ଖର୍ଚ୍ଚ କରାଯିବ। ବୈଠକରେ ୨୯ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ପ୍ରତିଭା ପୂଜା ସମ୍ମାନ

**ରାଜନଗର, ୨୯।୧୨(ଡି.ଏନ.ଏ.)**

କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ବଡଦିନ ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଏ.କେ.ପରିଚ୍ଛା, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ରାଜ୍ୟ ପ୍ରତିଭା ପୂଜା ସଭାପତି ଡ. ସତ୍ୟ ରାୟ, ସମ୍ପାଦକ ଦିଲୀପ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ରାଜନଗର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ କୃତୀ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ପତିଙ୍କୁ ସାମାଜିକ କର୍ମୀ ସମ୍ମାନ, ଜନଗଣନା କାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ସାଜିକ କର୍ମୀ ତଥା ଶିକ୍ଷାବିତ୍ ବୈକୁଣ୍ଠ ବିହାରୀ ରାଉତଙ୍କୁ ଆଦର୍ଶ ସମାଜସେବୀ ଭାବେ ସମ୍ବର୍ଦ୍ଧିତ କରିବା ସହିତ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରିଥିଲେ।

# କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଆମ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

**ରାଜନଗର, ୨୯।୧୨(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ପ୍ରଜ୍ଞାନ ମିଶନ ଅନୁବନ୍ଧିତ କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଆମ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ରାଜନଗର ବ୍ଲକ ଜରିମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଆମ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ରିୟାଯୋଗ ଧ୍ୟାନ କେନ୍ଦ୍ରର ପ୍ରମୁଖ ପ୍ରବକ୍ତା ସ୍ୱାମୀ ସମର୍ପଣାନନ୍ଦ ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ବ୍ୟସ୍ତ ବହୁଳ ଦୁନିଆରେ ଅବକ୍ଷୟମୁଖୀ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ଓ ପ୍ରାଶ୍ଚାତ୍ୟ ଦେଶଗୁଡିକର ବିକଶିତ ମାନସିକତାରେ ପ୍ରାଚୀନ ଭାରତୀୟ ସଂସ୍କୃତିର ଜୟଯାତ୍ରା ସୁଉଚ୍ଚ ଆକର୍ଷଣର ଶୀର୍ଷବିନ୍ଦୁ ଛୁଇଁଛି। ଆମ ଦେଶର ଭବିଷ୍ୟତ ନାଗରିକମାନେ ବିଦେଶୀ ଅନୁକରଣରେ ଅନୁବନ୍ଧିତ ହେବା ଚିନ୍ତାଜନକ ବିଷୟ ବୋଲି କହିଥିଲେ। ସଦାଚାର ଓ ଶୃଙ୍ଖଳା ଜ୍ଞାନର ପରିପ୍ରକାଶ ଆମ ସମାଜକୁ ସାଂସ୍କୃତିକ ଚେତନା ମାଧ୍ୟମରେ ବସୁଧୈବ କୁଟୁମ୍ବକମ୍ ନୀତିରେ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ସହ ସାମାଜିକ ଜୀବନର ମୌଳିକ ଉଦ୍ଦେଶ୍ୟର ସାଧନ କରାଇବାକୁ ଏହି ଅଭିଯାନର ଆଭିମୁଖ୍ୟ ବୋଲି ସ୍ୱାମୀ ସମର୍ପଣାନନ୍ଦ ଗିରି ଉପସ୍ଥିତ ଉଭୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏତବ୍ୟତୀତ ସ୍କୁଲ ଏବଂ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ମାତୃଭୂମି ଏବଂ ନିଜର ପିତାମାତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ସମ୍ମାନ ପ୍ରଦର୍ଶନ କରିବା ସହିତ ନିଜ ସାମର୍ଥ୍ୟ ସହିତ ସମାଜରେ ଅବହେଳିତ ଶାରୀରିକ ଭିନ୍ନକ୍ଷମଙ୍କ ପ୍ରତି ସେବା ମନୋବୃତ୍ତି, ମାତୃ ଜାତିକୁ ସମ୍ମାନ, ଯୌତୁକ ଭଳି ସାମାଜିକ ବ୍ୟାଧିରୁ ମୁକ୍ତ ରହିବା ପାଇଁ ଦୁଇ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ସଂକଳ୍ପ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ବେହୁରା, ଶିବ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋପବନ୍ଧୁ ତ୍ରିପାଠୀ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ଅନିଲ କୁମାର ଦାସ, ଗୌତମ ରାଉତ, ନୀଳମଣି ଦାସ, ବୈଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ଆଳି,୨୯।୧୨(ଡି.ଏନ.ଏ.)**

**ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ ଘଟଣା**

କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଭରତପୁର ନିକଟରେ ବୁଧବାର ସନ୍ଧ୍ୟାରେ ଅଜୟ ଦାସଙ୍କ ଘରେ ଜଣେ ଦୁର୍ବୃତ୍ତ ବନ୍ଧୁକ ମୁନରେ ଲୁଟପାଟ୍ କରିବାକୁ ଉଦ୍ୟମ କରିଥିଲେ। ଘରେ ଥିବା ମହିଳାଙ୍କ ଚିତ୍କାର ଶୁଣି ଦୁର୍ବୃତ୍ତ ଜଣକ ବନ୍ଧୁକ ଓ ବାଇକ୍ ଛାଡି ଫେରାର ହୋଇଯାଇଛନ୍ତି। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଆରମ୍ଭ କରିଛି। ପରିବାର ମୁଖ୍ୟ ଅଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୬୬/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ମୁତାବକ, ଭରତପୁର ଗାଁର ଅଜୟ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଓ ବୋହୂ ନନ୍ଦିନୀ ଥିଲେ। ସନ୍ଧ୍ୟା ପ୍ରାୟ ୭ ଟାରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଧରି ଘର ଛାତ ଉପର ବାଟ ଦେଇ ଘରେ ପଶିଥିଲେ। ଛାତ ଉପରେ ଶବ୍ଦ ଶୁଣି ମଞ୍ଜୁଲତା ଓ ନନ୍ଦିତା ଛାତ ଉପରକୁ ଯିବା ସମୟରେ ଦୁର୍ବୃତ୍ତ ଜଣକ ବନ୍ଧୁକ ଧରି ମଞ୍ଜୁଲତାଙ୍କୁ ଧମକ ଦେଇଥିଲେ। ଉଭୟ ସଙ୍ଗେସଙ୍ଗେ ଘରୁ ବାହାରି ରାସ୍ତା ଉପରକୁ ପଳାଇ ଆସି ଜୋରରେ ପାଟି କରିଥିଲେ। ସ୍ଥାନୀୟ ଲୋକ ପାଟି ଶୁଣି ସେଠାକୁ ଆସିବାରୁ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ (ନଂ. ଓଡି ୦୪ ଡି ୩୮୫୬) ସହ ଏକ ଦେଶୀ ବନ୍ଧୁକ ଜବତ କରିଛି।

# ନିର୍ମାଣକୁ ୪ ବର୍ଷ, କାମରେ ଲାଗୁନି ରାତ୍ର ଆଶ୍ରୟସ୍ଥଳ

**କେନ୍ଦ୍ରାପଡ଼ା ଅଫିସ, ୨୯।୧୨**

- ୨୦୧୮ରେ ଖର୍ଚ୍ଚ ହୋଇଥିଲା କୋଟିଏ ଟଙ୍କା
- ପରିଚାଳନା ପାଇଁ ନିଯୁକ୍ତ ହୋଇଛନ୍ତି କର୍ମଚାରୀ

ବାହାରେ ଥଣ୍ଡା। ଚାରିଆଡେ କୁହୁଡି ବର୍ଷୁଛି। କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକର ଏକ ଔଷଧ ଦୋକାନ ପିଣ୍ଡାରେ ଜଣେ ମହିଳା ମୁଣ୍ଡ ତଳେ କିଛି କପଡା ଦେଇ ଶୋଇଛନ୍ତି। ମେଡିକାଲ ଛକରେ ମଧ୍ୟ ଏହି ଦୃଶ୍ୟ। ବାଘା ନାମକ ଜଣେ ନିରାଶ୍ରୟ ବ୍ୟକ୍ତି ସାରା ରାତି ରାସ୍ତା କଡରେ ଶୋଇଥିବା ଦେଖିବାକୁ ମିଳୁଛି। ଏହି ଗୋଟିଏ ଅଥବା ଦୁଇଟି ଦୃଶ୍ୟ ମଧ୍ୟରେ ଏହା ସୀମିତ ନୁହେଁ। ସହରର ପ୍ରତ୍ୟେକ ସ୍ଥାନରେ ଏପରି ନିରାଶ୍ରୟଙ୍କୁ ରାତ୍ରୀଯାପନ କରୁଥିବା ଦେଖିବାକୁ ମିଳୁଛି। ତେବେ ପୌରାଞ୍ଚଳରେ ରାତ୍ର ଆଶ୍ରୟ ସ୍ଥଳ ରହିଥିବା କାଗଜପତ୍ର ଓ ବିଜ୍ଞାପନରେ ଦେଖିବାକୁ ମିଳୁଛି। ମାତ୍ର ଏହି ନିରାଶ୍ରୟଙ୍କୁ ରାତ୍ର ଆଶ୍ରୟସ୍ଥଳ ସ୍ଥାନକୁ ନେବା ପାଇଁ କୌଣସି ବନ୍ଦୋବସ୍ତ ନାହିଁ। ସହରାଞ୍ଚଳ ୱାର୍ଡ କଲ୍ୟାଣ କମିଟି ଅଥବା ପୌର ପ୍ରଶାସନର ଏଥିପ୍ରତି ନଜର ନାହିଁ। ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଆଗ୍ରହତା ନ ଥିବା ଫଳରେ ଗତ ୪ ବର୍ଷ ପୂର୍ବେ କୋଟିଏ ଟଙ୍କାରେ ବ୍ୟୟ ରାତ୍ର ଆଶ୍ରୟସ୍ଥଳ କାମରେ ଲାଗୁ ନ ଥିବା ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି। ପୌରସଂସ୍ଥା ପକ୍ଷରୁ ଗତ ୨୦୧୮ମସିହାରେ ହଜାରିବଗିଚାଠାରେ ଏକ ରାତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ଏଥିରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ହୋଇଛି। ଆଶ୍ରୟସ୍ଥଳରେ ୨୦ ପୁରୁଷ ଓ ୧୦ ମହିଳା ରହିବା ପାଇଁ ବ୍ୟବସ୍ଥା ଅଛି। ଏଥିସହିତ ରହଣୀ ସମୟରେ ସମ୍ୟକ ଖାଦ୍ୟ ବ୍ୟବସ୍ଥା ରଖାଯାଇଛି। ଏପରି କି ଏହି ଆଶୟସ୍ଥଳରେ ବାହାରୁ ବଦଳି ହୋଇ ଆସିଥିବା କର୍ମଚାରୀଙ୍କ ସ୍ୱଳ୍ପକାଳୀନ





ରହଣୀ ପାଇଁ ସୁଦୃଶ୍ୟ କୋଠରୀ ଅଛି। ଏହାସତ୍ତ୍ୱେ ଆଶ୍ରୟସ୍ଥଳରେ ରାତ୍ର ରହଣୀ ସଂଖ୍ୟା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏ ସମ୍ପର୍କରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଖଡିଅଙ୍ଗର ମନୋଜ କୁମାର ସିଂହ, ଫକୀରାବାଦର ଓବେଦା ପ୍ରମୁଖ କହିଛନ୍ତି ଯେ, ପୌରସଂସ୍ଥାର ପରିକଳ୍ପନା ଅନୁଯାୟୀ ରାତ୍ର ଆଶ୍ରୟସ୍ଥଳର ଉପଯୋଗ ନାହିଁ। ୨୦୧୮ରେ ଏହି ଆଶ୍ରୟସ୍ଥଳ ନିର୍ମାଣ ଅସହାୟ ବ୍ୟକ୍ତିଙ୍କ ରହିବା ପାଇଁ ଉଦ୍ଦିଷ୍ଟ ହୋଇଥିଲା। ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବାରୁ ରୋଗୀଙ୍କ ଆତ୍ମୀୟମାନେ ନିକଟସ୍ଥ ପିଣ୍ଡାରେ ଶୋଉଥିବା ଦୃଶ୍ୟକୁ ବନ୍ଦ ପାଇଁ ଏହା ନିର୍ମାଣ ହୋଇଥିଲା। ଏତିସହିତ ସହର ମଧ୍ୟରେ ବହୁ ଲୋକ ବାହାର ସ୍ଥାନରେ ରହୁଥିବାରୁ ଯୋଜନା ଫଳ ପ୍ରଦ ହେବ ବୋଲି ଆଶା କରାଯାଉଥିଲା। ପ୍ରଥମବର୍ଷ ଏପରି ନିରାଶ୍ରୟ ବ୍ୟକ୍ତିଙ୍କୁ ଖୋଜି ଆଶ୍ରୟସ୍ଥଳକୁ ନେବା ପାଇଁ ଏକ ସେଚ୍ଛାସେବୀ ସଙ୍ଗଠନକୁ ନିଯୁକ୍ତ କରାଯାଇଥିଲା। ତେବେ କୌଣସି କାରଣରୁ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ଓହରି ଯାଇଥିବାରୁ ରାତ୍ର ଆଶ୍ରୟସ୍ଥଳ ଫାଙ୍କା ପଡୁଛି। ଏଥିପ୍ରତି ସଚେତନତା ନ ଥିବାରୁ ଏହାର ଉପଯୋଗ ହୋଇପାରୁନାହିଁ। ସହରାଞ୍ଚଳରେ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅଛି। ସେହିପରି ୱାର୍ଡ କଲ୍ୟାଣ କମିଟି ଗଠନ ହୋଇଛି। ପୌର କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଲେ ରାତ୍ର ଆଶ୍ରୟସ୍ଥଳର ଲକ୍ଷ୍ୟ ପୂରଣ ହୋଇପାରିବ। ଅନ୍ୟଥା ବେଡ ପାଇଁ କିଣା ଯାଇଥିବା ଖଟ, ତକିଆ ଆଗାମୀ ଦିନରେ ନଷ୍ଟ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ପଚାରିବାରେ ରାତ୍ର ଆଶୟସ୍ଥଳ ଅସହାୟ ବ୍ୟକ୍ତିଙ୍କ ପାଇଁ ଏକ ବରଦାନ। ଏହାକୁ ସୁପରିଚାଳନା କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳର ପରିଚାଳନା ପାଇଁ ୪ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ରକ୍ଷଣାବେକ୍ଷଣ ପାଇଁ ପୌରସଂସ୍ଥା ପକ୍ଷରୁ ଅର୍ଥ ବ୍ୟୟ କରାଯାଉଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଛତ୍ରପୁର କଲେଜ ଅଧ୍ୟକ୍ଷଙ୍କ କକ୍ଷରେ ନିଆଁ

ଛତ୍ରପୁର,୨୯।୧୨(ଡି.ଏନ୍.ଏ)- ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷଙ୍କ କକ୍ଷରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଗୁରୁବାର ସକାଳେ କଲେଜର ରାତ୍ର ଜଗୁଆଳ ଫୋନ ଯୋଗେ ଅଧକ୍ଷ କିଶୋର କୁମାର ବେହେରାଙ୍କୁ କୋଠରୀରୁ ଧୂଆଁ ବାହାରୁଥିବା ଖବର ଦେଇଥିଲେ। ସେ ପହଞ୍ଚି ପ୍ରାୟ ୨ଲକ୍ଷ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ସୂଚନା ଦେଇଛନ୍ତି। ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ସଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ଗୁରୁବାର କଲେଜ ସସ୍‌ପେଣ୍ଡ କରାଯାଇଛି।

### ହାତୀ ଘଉଡ଼ାଇବା ପାଇଁ ଗଠନ ହେବ ଟିମ

କାଶୀନଗର,୨୯।୧୨-କାଶୀନଗର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଚଳାଇଛନ୍ତି। ହାତୀପଲା ଘଉଡାଇବା ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଦଭାବନା କକ୍ଷରେ ଆଲୋଚନା ହୋଇଛି। ଜିଲା ପରିଷଦ ଅଧକ୍ଷା ଜି. ତିରୁପତି ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଗଜପତି ଭାରପ୍ରାପ୍ତ ଡିଏଫଓ, କାଶୀନଗର ବିଡିଓ, ପଞ୍ଚାୟତ ସମିତି ଅଧକ୍ଷା, ଏନଏସି ଉପାଧକ୍ଷଙ୍କ ସମେତ ପୋଲିସ, ବିଦ୍ୟୁତ ବିଭାଗ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ହାତୀ ଉପଦ୍ରବ ଯୋଗୁଁ ଘଟୁଥିବା କ୍ଷୟକ୍ଷତି ଦର୍ଶାଇ କାହିଁକି ବନ ବିଭାଗ ଏଯାଏଁ ଫଳପ୍ରଦ ପଦକ୍ଷେପ ନେଇନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଆଲୋଚନା ପରେ ଜିଲା ପରିଷଦ ଅଧକ୍ଷା ରାଓ ଯେଉଁମାନଙ୍କ ଫସଲ ହାତୀ ଉପଦ୍ରବରୁ ନଷ୍ଟ ହୋଇଛି ସେମାନେ ଅନୁକମ୍ପା ଆପ ଜରିଆରେ ଆବେଦନ କଲେ କ୍ଷତିପୂରଣ ମିଳିବ ବୋଲି ଆଶା ରହିଛି। ସ୍ଥାନୀୟ ଆଇଆଇସିଙ୍କ ନେତୃତରେ ବନବିଭାଗ, ବିଦ୍ୟୁତ ବିଭାଗ କର୍ମଚାରୀ ଓ ଅନ୍ୟାନ୍ୟ ଆଗ୍ରହୀ ନାଗରିକ, ଜନ ପ୍ରତିନିଧିଙ୍କୁ ନେଇ ଏକ ଟିମ ଗଠନ କରାଯିବ। ସେଥିରେ ଜଣେ ବିଶେଷଜ୍ଞ ରହିବେ ଓ ହାତୀ ପଲକୁ ଜଙ୍ଗଲକୁ ଫେରାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### ଗ୍ରାସୀମ ଶ୍ରମିକ ସଂଗଠନ ନିର୍ବାଚନ ଶେଷ

ଗଞ୍ଜାମ,୨୯।୧୨(ଡି.ଏନ.ଏ.)- ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀର ଶ୍ରମିକ ସଂଗଠନ ନିର୍ବାଚନ ବୁଧବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ତିନି ବର୍ଷରେ ଥରେ ଏଠାରେ ଶ୍ରମିକ ନିର୍ବାଚନ ହେଉଛି। କମ୍ପାନୀରେ କାର୍ଯ୍ୟରତ ୬୮ଜଣ ଶ୍ରମିକ ମତଦାନ କରିଥିଲେ। ଚଳିତ ଶ୍ରମିକ ସଂଗଠନ ନିର୍ବାଚନରେ ତିନୋଟି ସଂଘର ସଦସ୍ୟ ପ୍ରାର୍ଥୀ ହୋଇଛନ୍ତି। ସେଗୁଡିକ ହେଲା ଜୟଶ୍ରୀ କେମିକାଲସ ୱାର୍କର ୟୁନିଅନ, ଜୟଶ୍ରୀ ଏମ୍ପ୍ଲଇଜ ୟୁନିଅନ ଏବଂ ଜୟଶ୍ରୀ ଶ୍ରମିକ ସଂଗଠନ। ଜୟଶ୍ରୀ କେମିକାଲସ ୱାର୍କର ୟୁନିୟନ ପଲା ଭାରିଥିବା ଚର୍ଚ୍ଚା ହେଉଛି। ଏହି ୟୁନିୟନର କାର୍ଯ୍ୟକାରୀ ସଭାପତି ଶଙ୍କର ଦାସ, ଉପସଭାପତି ବିଜୟ କୁମାର ପଳାଇ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ନିର୍ବାଚନରେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, କମ୍ପାନୀର ମୋଟ ୮୩ ଜଣ କର୍ମଚାରୀଙ୍କ ମଧ୍ୟରୁ ୧୫ ଜଣ କର୍ମଚାରୀଙ୍କ ଭୋଟରରେ ନାମ ନ ଥିବା ଯୋଗୁ ଜିଲା ଶ୍ରମ ବିଭାଗ ପକ୍ଷରୁ ସେମାନଙ୍କୁ ବାଦ ଦିଆଯାଇଥିଲା। ଫଳରେ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏଣୁ ନିର୍ବାଚନ ସରିଥିଲେ ମଧ ରେକଗ୍ନାଇଜ ୟୁନିୟନର ନାମ ଘୋଷଣା ହୋଇ ପାରିନାହିଁ। ଆସନ୍ତା ୬ ତାରିଖରେ ଜଣାପଡିବ କେଉଁ ୧୫ଜଣ କର୍ମଚାରୀ ଭୋଟ ଦେଇ ପାରିନାହାନ୍ତି। ଜୟଶ୍ରୀ କେମିକାଲସ ୱାର୍କର ୟୁନିୟନ ସମ୍ପାଦକ ନିମନ୍ତେ ଗ୍ରାସୀମ କମ୍ପାନୀ କର୍ମଚାରୀ ୟୁନିୟନ ପକ୍ଷରୁ ଜି ସନ୍ତୋଷ ରେଡ୍ଡୀ (ଶ୍ୟାମା) ଚଳିତ ଶ୍ରମିକ ସଂଗଠନ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଏଥିରେ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପାଇ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ଜୁନିୟର ଲେବର କମିଶନର ମଦନ ମୋହନ ପାଇକ ନିରୀକ୍ଷକ ଦାୟିତ୍ୱରେ ଥିଲେ। ନିର୍ବାଚନ ପ୍ରକ୍ରିୟା ସମୟରେ ଆବଶ୍ୟକ ରେକର୍ଡ ଦାଖଲ କରି ନ ପାରିବାରୁ ୧୫ ଜଣ କର୍ମଚାରୀଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରାଯାଇଥିବା ଜିଲା ଶ୍ରମ ଅଧିକାରୀ ଗଇପାଇ ସୂଚନା ଦେଇଛନ୍ତି। ନିର୍ବାଚନ ସମୟରେ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା।

# ରାସ୍ତା ପାଇଁ ଗଛ କାଟିଦେଲେ, ଜାଣିନି ବନ ବିଭାଗ

## ପିଇଓ କହୁଛନ୍ତି ଗ୍ରାମବାସୀ କାଟିଦେଲେ

**ଫୁଲବାଣୀ ଅଫିସ, ୨୯।୧୨**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଯାଜେଶ୍ ପାଙ୍ଗା ପଞ୍ଚାୟତର ନୂଆସାହିଠାରୁ ପାଡିପାଙ୍ଗା ଦେଇ ତେମାଙ୍ଗି ଯାଇଥିବା ପାଡ଼ିପାଙ୍ଗା ଘାଟି କଟିଂ ରାସ୍ତା କାମ ଚାଲିଛି। ହେଲେ ରାସ୍ତା ସମ୍ପର୍କରେ କୌଣସି ସୂଚନା ଫଳକ ଲାଗିନାହିଁ । ଏଥିରୁ ସ୍ପଷ୍ଟ ହେଉଛି ରାସ୍ତା କାମ ନାଁରେ ବ୍ୟାପକ ଟଙ୍କା ହରିଲୁଟ ହେଉଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଘାଟି କଟାଯାଇ ହେଉଥିବା ରାସ୍ତାରେ ବ୍ୟାପକ ମୂଲ୍ୟବାନ ଗଛ କାଟି ଦିଆଯାଇଛି । ଗଛ କାଟିବା ପୂର୍ବରୁ ବନ ବିଭାଗର ଅନୁମତି ନେବା କଥା,ହେଲେ ତାହା ଏଠାରେ ହୋଇନାହିଁ । ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) କହୁଛନ୍ତି ଗ୍ରାମବାସୀ ଗଛ କାଟି ଦେଇଛନ୍ତି।



କଟାଯାଇଥିବା ଗଛ ।

ରାସ୍ତା କାମ ପୂର୍ବରୁ କେତେ ଗଛ ଅଛି, ରାସ୍ତା କେତେ ଓସାର ହେବ ଏବଂ କେତେ କି.ମି. ହେବ, ସେଥିଲାଗି କେତେ ଗଛ କାଟିବାକୁ ପଡିବ ତାହା ସର୍ଭେରେ ଆସିବା କଥା । ସର୍ଭେ ପରେ ବନ ବିଭାଗରୁ ଗଛ କାଟିବା ଲାଗି ଅନୁମତି ନେବା ପରେ ରାସ୍ତା କାମ କରିବା ନିୟମ ରହିଛି। ହେଲେ ଗ୍ରାମବାସୀ ଗଛ କାଟିବା ପରେ ପଞ୍ଚାୟତ ରାସ୍ତା କାମ କରିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅପରପକ୍ଷେ କାମ ପାଇଁ ଟେଣ୍ଡର ହୋଇନାହିଁ । ବିଭାଗୀୟ ଯନ୍ତ୍ରୀଙ୍କ ନାଁରେ କାମ ଥିବା ଜାଣିବାକୁ ମିଳିଛି । କେତେ ଟଙ୍କାର କାମ ଏବଂ କେତେ କି.ମି. ରାସ୍ତା ହେବ ତାହା ବିଭାଗ ସୂଚନା ଦେଉନାହିଁ। ଗତ ଏକ ମାସରୁ ଊର୍ଦ୍ଧ୍ୱ ହେବ ଏହି କାର୍ଯ୍ୟ ଚାଲୁ ରହିଛି । ଏହି ରାସ୍ତା ନିର୍ମାଣ ଏବଂ ଘାଟି କଟିଂ କାମକୁ ଯାଜେଶ୍‌ପାଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସାହୁ ଓ କନିଷ୍ଠ ଯନ୍ତ୍ରୀ ସୁନିଲ କୁମାର ପାତ୍ର ତଦାରଖ କରୁଛନ୍ତି। ନିର୍ବାହୀ ଅଧିକାରୀଙ୍କ ସମ୍ପର୍କୀୟଙ୍କ ଜେସିବି, ଟ୍ରାକ୍ଟର ଏହି କାମରେ ଲାଗିଛି । ଏହି ଘଟଣାକୁ ନେଇ ନୂଆପଦର ସର୍କଲ ଫରେଷ୍ଟର ବ୍ରଜ ସୁନ୍ଦର ଦାଶଙ୍କୁ ପଚାରିବାରୁ ଏହା ଫିରିଙ୍ଗିଆ ବ୍ଲକ ଅଧୀନରେ ଅଛି ବୋଲି କହିଛନ୍ତି। ଫିରିଙ୍ଗିଆରେ ରେଞ୍ଜର ବିଜୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ଏ ବିଷୟରେ ସେ ଫରେଷ୍ଟରଙ୍କୁ ତଦନ୍ତ ଲାଗି କହିଥିଲେ। ତାଙ୍କ ରିପୋର୍ଟ ଅନୁସାରେ ଏହା ଆମ ଅଧୀନରେ ଆସୁନାହିଁ ବୋଲି କହିଛନ୍ତି। ସେହିପରି ଯାଜେଶପାଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ସାହୁଙ୍କୁ ପଚାରିବାରୁ ଫଳକ ଲାଗିବ । ଗ୍ରାମବାସୀ ଗଛ କାଟିଛନ୍ତି ବୋଲି କହିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁନିଲ କୁମାର ପାତ୍ରଙ୍କୁ ପଚାରିବାରୁ ପଞ୍ଚଦଶ ଅର୍ଥ କମିଶନରେ ୬ ଲକ୍ଷ ଟଙ୍କାର କାମ ଚାଲିଛି, ବୋର୍ଡ ମାରିବା କିଛି ଆବଶ୍ୟକ ନାହିଁ ବୋଲି କହିଛନ୍ତି। ସରପଞ୍ଚ ପଦ୍ମାବତୀ କହଁରଙ୍କୁ ପଚାରିବାରୁ ଏହା ସମିତି କାମ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଘଟଣା ବିଷୟରେ ଆମ ପାଖରେ କୌଣସି ସୂଚନା ନାହିଁ ବୋଲି ବାଲିଗୁଡା ରେଞ୍ଜର ଉଦିତ୍ ପ୍ରଧାନ କହିଛନ୍ତି।

### ନଦୀରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

**ତୁମୁଡିବନ୍ଧ,୨୯।୧୨(ଡି.ଏନ.ଏ.)**

ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିର୍ଲା ପଞ୍ଚାୟତ କଣିମହା ଗ୍ରାମ ନିକଟସ୍ଥ ରାଉଳ ନଦୀରେ ବୁଧବାର ଏକ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ମୃତକ ହେଲେ ସେହି ଗ୍ରାମର କଲେଶ୍ୱର ମଲ୍ଲିକ(୫୫)। ସେ ଗତ ମଙ୍ଗଳବାର ନିଜ କ୍ଷେତରେ ଏକୁଟିଆ ମାଣ୍ଡିଆ ପିଟିବାକୁ ଯାଇ ଫେରିନଥିଲେ। ବୁଧବାର ସକାଳୁ ଗ୍ରାମବାସୀ ଖୋଜିବା ବେଳେ କଲେଶ୍ୱରଙ୍କ ମୃତଦେହ ଗ୍ରାମ ନିକଟ ରାଉଳ ନଦୀରେ ଭାସୁଥିବା ଦେଖିଥିଲେ। ପରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ନଦୀରେ ଆଣ୍ଠୁଏ ପାଣି ଥିବାବେଳେ ମୃତଦେହ କିପରି ଭାସୁଛି ତାହା ପରିବାର ଲୋକେ ବିଶ୍ୱାସ କରିପାରୁନାହାନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ଭିତର ଅଞ୍ଚଳ ହୋଇଥିବାରୁ ତୁମୁଡିବନ୍ଧ ପୋଲିସ ଗୁରୁବାର ପହଞ୍ଚି ମୃତଦେହ ଜବତ କରିଛି। ନଂ.୧୦୮/୨୨ ଏକ ହତ୍ୟା ମାମଲା ରୁଜୁ କରି ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସାଂସ୍କୃତିକ ଶୋଭାଯାତ୍ରାରେ ଡାକୁଲ ନୃତ୍ୟ ମନମୋହିଲା

## ବରଗଡ଼ ଧନୁଯାତ୍ରାରେ କନ୍ଧମାଳ କଳାକାର



ଡାକୁଲ ନୃତ୍ୟ ପରିବେଷଣ କରିଥିବା କଳାକାରମାନେ।

**ବାଲିଗୁଡା,୨୯।୧୨(ଡି.ଏନ୍.ଏ.)**

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଉଦଘାଟନୀ ଉତ୍ସବରେ ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରାରେ କନ୍ଧମାଳ କଳାବିକାଶ କେନ୍ଦ୍ର, ବାଲିଗୁଡାର କଳାକାରମାନଙ୍କ ଡାକୁଲ ନୃତ୍ୟ ଦର୍ଶକଙ୍କ ମନମୋହିଛି। କନ୍ଧମାଳ କଳା ବିକାଶ କେନ୍ଦ୍ରର ସମ୍ପାଦକ ପ୍ରମୋଦ କୁମାର ଦଣ୍ଡସେନା, ଜଗନ୍ନାଥ ବିଶୋଇ ଏବଂ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ କନ୍ଧମାଳର ସର୍ବ ପୁରାତନ ଏହି ଲୋକକଳା ଡାକୁଲ ନୃତ୍ୟ ୨୦ଜଣିଆ ଟିମ ପରିବେଷଣ କରିଥିଲେ। ଆଦିମ ଅଧିବାସୀଙ୍କ ବେଶଭୁଷା କଳାନୈପୁଣ୍ୟ ଏବଂ ନୃତ୍ୟକୁ ଜୀବନ୍ତ କରିବାରେ ଏମାନେ ସକ୍ଷମ ହୋଇଥିଲେ। ଏହି କଳା ସଂଗଠନ ଲୋକକଳା ଲୋକ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ସୁଯୋଗ ଦେଉଥିବାରୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।

### କୃଷିହାଟ ପୁଣି ଖୋଲିବାକୁ ଦାବି

**ବୁଗୁଡା,୨୯।୧୨(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରାରେ ପଞ୍ଚାୟତସ୍ତରୀୟ କୃଷି ଓ କୃଷକଭିତ୍ତିକ ହାଟ ପୁଣି ଖୋଲିବାକୁ ବିଡିଓଙ୍କ ନିକଟରେ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ମାଣିତରା ପଞ୍ଚାୟତବାସୀଙ୍କ ଅନୁରୋଧ କ୍ରମେ ଗତ ୭।୧୦.୨୦୧୮ ତାରିଖରେ ପ୍ରଶାସନର ଆଦେଶ ଅନୁସାରେ ମାଣିତରାରେ କୃଷି ଓ କୃଷକଭିତ୍ତିକ ହାଟ ଶୁଭାରମ୍ଭ ହୋଇଥିଲା। ଫଳରେ ମାଣିତରା ଓ ସଙ୍କୁରୁ ପଞ୍ଚାୟତର ଚାଷୀମାନେ ନିଜ ନିଜ ଚାଷ ଜମିରେ ଓ ବାଡ଼ି ବଗିଚାରେ ଫଳ ପନିପରିବା ଚାଷ କରି ହାଟରେ ବିକ୍ରୟ କରି ଅର୍ଥ ଉପାର୍ଜନ କରିଆସୁଥିଲେ। ପରେ କୋଭିଡ଼ ଯୋଗୁଁ ହାଟ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ କରୋନା ସଂକ୍ରମଣ ସମାପ୍ତ ହୋଇଥିଲେ ମଧ ଏହି ହାଟ ଖୋଲିବାକୁ ସରପଞ୍ଚ, ବ୍ଲକ ପ୍ରଶାସନକୁ ଅନୁରୋଧ କଲେ ମଧ ଶୁଣୁ ନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ମାଣିତରା ଓ ସଙ୍କୁରୁ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ପୁଣି ହାଟ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଏକ ଦାବିପତ୍ର ବିଡିଓ ବାସୁଦେବ ନାୟକଙ୍କୁ ପ୍ରଦାନ କରିଛନ୍ତି।

# କେନ୍ଦ୍ରୀୟ ବନାଞ୍ଚଳରେ ହାତୀ ଉପଦ୍ରବ

## ବାବାଜୀଙ୍କ ଆଶ୍ରମ ଭାଙ୍ଗିଦେଲେ



ବାବାଜୀଙ୍କ ଭଙ୍ଗା ଘର।

**ଭଞ୍ଜନଗର,୨୯।୧୨(ଡି.ଏନ୍.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଘୋଡାଦାଣ୍ଡିରେ ବୁଧବାର ରାତିରେ ହାତୀପଲ ଉପଦ୍ରବ ଚଳାଇଥିଲେ। ପ୍ରଥମଥର ପାଇଁ ହାତୀପଲ ଭଞ୍ଜନଗର ସହରଠୁ ୪ କି.ମି ଦୂରରେ ଥିବା ଘୋଡାଦଣ୍ଡିକୁ ଚାଲି ଆସିଥିବାରୁ ଲୋକେ ଭୟଭୀତ ହୋଇଛନ୍ତି। ୧୮ଟି ହାତୀ ଘୋଡାଦାଣ୍ଡିରେ ଥିବା ଏକ ଆଶ୍ରମରେ ପଶି ଘରକୁ ଭାଙ୍ଗିବା ସହ ଫସଲ ମଧ କ୍ଷତି କରିଛନ୍ତି। ଏହି ସମୟରେ ଆଶ୍ରମରେ ଥିବା ବାବାଜୀ ପ୍ରଦୀପ ସାହୁ ସେଠାରୁ ସୁରକ୍ଷିତ ସ୍ଥାନକୁ ପଳାଇ ଯାଇଥିଲେ। ଉକ୍ତ ଅଞ୍ଚଳର ଚାଷୀମାନେ ଏଥିଲାଗି ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ହାତୀପଲକୁ ଜଙ୍ଗଲକୁ ଘଉଡାଇଥିଲେ।

### ମାନସିକ ଅସୁସ୍ଥଙ୍କ ଚିକିତ୍ସା

**ଫୁଲବାଣୀ ଅଫିସ, ୨୯।୧୨**

ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୩ ଜଣ ମାନସିକ ଅସୁସ୍ଥ ବ୍ୟକ୍ତି ଓ ତାଙ୍କର ପରିବାର ଲୋକେ ଆସି ଡାକ୍ତରଙ୍କ ପରାମର୍ଶ ଲୋଡିବା ସହ ଚିକିତ୍ସିତ ହୋଇଛନ୍ତି । ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ଏଥିପାଇଁ ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ମାନସିକ ବିଶେଷଜ୍ଞ ଡା. ସ୍ୱାତୀ ମିଶ୍ର ସମସ୍ତଙ୍କ ଚିକିତ୍ସା କରିଥିଲେ । ଯେଉଁମାନେ ଆସି ଚିକିତ୍ସିତ ହୋଇଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଅନ୍ଧବିଶ୍ୱାଶ ଓ ଗୁଣି ଗାରେଡ଼ିକୁ ବିଶ୍ୱାସ କରୁଥିବା କହିଥିଲେ । ୧୫ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ସ୍ୱାତୀର ଆଲୋକ ସାମନ୍ତରାଏ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାରଦା ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ

**ପୋଲସରା,୨୯।୧୨(ଡି.ଏନ.ଏ.)**

ପୋଲସରା ମଥୁରା ନିକଟସ୍ଥ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରର ୨୯୦ତମ ପ୍ରତିଷ୍ଠା ଦିବସ ନିରାଡ଼ମ୍ବର ଭାବେ ଗୁରୁବାର ପାଳିତ ହୋଇଯାଇଛି। ମହୋତ୍ସବକୁ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଉଦଘାଟନ କରଥିବା ବେଳେ ପୋଲସରା ତହସିଲଦାର ଭାସ୍କର ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଠାକୁରଙ୍କଠାରେ ୧୦୮ ଦୀପ ପ୍ରଜ୍ୱଳନ ସହ ଖେଚୁଡ଼ି ଅର୍ପଣ କରାଯାଇଥିଲା। ଏଥିସହିତ ମନ୍ଦିର ପରିସରରେ ଥିବା ଅନ୍ୟ ଠାକୁରମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଥାନାଧିକାରୀ ମନ୍ଦିରର ଜାନିଜାତ ଓ ପରମ୍ପରାକୁ ବଜାୟ ରଖିବା କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟଅତିଥି ସାହୁ ମନ୍ଦିରର ଭୋଗ ଜାତନୀତି ସହିତ ସ୍ୱୟଂ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କୁ କିଭଳି ମୋଗଲ ଆକ୍ରମଣରୁ ରକ୍ଷା ନିମନ୍ତେ ଆଠଗଡ ରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ଓ ପୁରୀ ଗଜପତି ମହାରାଜଙ୍କୁ ଗୁପ୍ତ ଗଡ଼ରେ ଆଶ୍ରୟ ବିଷୟରେ ଆଲୋକପାତ କରିଥିଲେ। ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ଜବରଦଖଲ ଜମିକୁ ଉଦ୍ଧାର କରିବାକୁ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାରଦା ମହୋତ୍ସବ କମିଟି ସଂଯୋଜକ ତଥା ଆଇନଜୀବୀ ପବିତ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରଥିଲେ। କମିଟି ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

**ହିଞ୍ଜିଳିକାଟୁ,୨୯।୧୨(ଡି.ଏନ୍.ଏ.):**

ହିଞ୍ଜିଳି ଥାନା ଅନ୍ତର୍ଗତ ସାରୁ ଗ୍ରାମରେ ବୁଧବାର ସାପ କାମୁଡାରେ ୪ ବର୍ଷର ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶୁଭଲକ୍ଷ୍ମୀ ସାହୁ। ମଙ୍ଗଳବାର ଶୁଭଲକ୍ଷ୍ମୀ ଘରେ ଖେଳୁଥିବା ସମୟରେ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେ ଅସୁସ୍ଥ ଗୁରୁତର ହେବାରୁ ପରିବାର ଲୋକେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶୁଭଲକ୍ଷ୍ମୀଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ସାମାଜିକ କର୍ମୀ ଉମାଶଙ୍କର ସାହୁ ଓ ଅନ୍ୟମାନେ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ

**ପାରଳାଖେମୁଣ୍ଡି,୨୯।୧୨(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି। ସ୍ଥାନୀୟ ଅର୍ବାନ ପଡିଆଠାରେ ଆୟୋଜିତ ଏହି ୪ଦିନିଆ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଗୁଣୁପୁର ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁବାଷ ପ୍ରଧାନଙ୍କ ରଚିତ ବେଲପାହାଡର କଳାକାରମାନେ ପରିବେଷଣ କରିଥିବା ନାଟକ 'ଦୂର ଆକାଶ' ଦର୍ଶକଙ୍କୁ ବିମୋହିତ କରିଥିଲା। ଦ୍ୱିତୀୟ ଦିନ ଭୁବନେଶ୍ୱରର କଳାକାରମାନେ 'ଗୋଟିଏ କାହାଣୀ'ପରିବେଷଣ କରିବାକୁ ଥିବା ବେଳେ ତୃତୀୟ ଦିନ ବ୍ରହ୍ମପୁରର କଳାକାମାନେ ନାଟକ 'ଅଶାନ୍ତ ଚରିତ' ଏବଂ ଚତୁର୍ଥ ସନ୍ଧ୍ୟାରେ ପାରଳାଖେମୁଣ୍ଡି କ୍ରିଏଟିଭ ଆର୍ଟସର କଳାକାର ନାଟକ 'ଭୋକ' ପରିବେଷଣ କରିବେ ।



ମହୋତ୍ସବରେ କଳାକାରମାନେ ନୃତ୍ୟ କରୁଛନ୍ତି।

# ପାରଳାରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ

**ପାରଳାଖେମୁଣ୍ଡି,୨୯।୧୨(ଡି.ଏନ.ଏ.)**

ପୁରଷ ହକି ବିଶ୍ୱକପ ଟ୍ରଫିକୁ ଗୁରୁବାର ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ସ୍ୱାଗତ କରାଯାଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା । ସହରର ପ୍ରବେଶପଥ ତଥା ଫରେଷ୍ଟ ଅଫିସ ଛକଠାରେ ଜିଲା ପ୍ରଶାସନ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ବିଭିନ୍ନ ବାଦ୍ୟବାଜଣା ତଥା ପରମ୍ପରାଗତ ନାଚଗୀତ ମଧ୍ୟରେ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଗଜପତି ଷ୍ଟାଡିୟମ ଠାରେ ଟ୍ରଫି ପହଞ୍ଚିବା ପରେ ସେଠାରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଗଜପତି ଜିଲାପରିଷଦ ସଭାପତି ଜି.ତିରୁପତି ରାଓ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ କୁମାର ପ୍ରଧାନ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଓଡିଶାରେ ହେଉଥିବା ହକି ବିଶ୍ୱକପ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସ୍କେଟିଂ, ନୃତ୍ୟଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାପରେ ଟ୍ରଫିକୁ ନେଇ ନଗର ପରିକ୍ରମା କରିବାବେଳେ ସ୍ଥାନୀୟ ହାଇସ୍କୁଲ ଛକ ଠାରେ ମଧ ଭବ୍ୟ ସ୍ୱାଗତ କରାଯାଇଥିଲା ।




ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରାଯାଉଛି ।

### ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ବୈଠକ

**ହିଞ୍ଜିଳିକାଟୁ,୨୯।୧୨(ଡିଏନଏ):**

ହିଞ୍ଜିଳିକାଟୁ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ସମିତି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସରସ୍ୱତୀ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକକୁ ବିଡ଼ିଓ ସୁବ୍ରତ କୁମାର ଜେନା ସଂଯୋଜନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ, ଏବିଡିଓ ଅରୁଣ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୩ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବତନ ଅଧକ୍ଷା ପୁଷ୍ପାଞ୍ଜଳି ପ୍ରଧାନଙ୍କ ବିୟୋଗରେ ଶୋକସଭା ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳଯୋଗାଣ, ଆବାସ ଯୋଜନା, ଏମଜିଏନ୍‌ଆରଇଜିଏସ, ସାମାଜିକ ସୁରକ୍ଷା, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିନିଯୋଗ ସମ୍ବନ୍ଧରେ ସମୀକ୍ଷା ହୋଇଥିଲା। ଏଥିସହ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୧-୨୨ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ, ଯୋଜନା ଓ ଏହାର ସମୟାନୁସାରେ କାର୍ଯ୍ୟକାରିତା, ଜନ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ବିଡ଼ିଓ ଜେନା ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହାପାତ୍ର ଆଲୋଚନା କରିଥିଲେ। ଅଧକ୍ଷା ସେଠୀ ଓ ଉପାଧକ୍ଷ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫଟୋ ଅସଲି, ମାଲିକ ନକଲି

■ ବ୍ୟାସନଗର ସବ୍‌ରେଜିଷ୍ଟ୍ରାର ଅଫିସରେ ଚଞ୍ଚକତା
■ ବିଦେଶରେ ଥିବା ମାଲିକଙ୍କ ଜମି ବିକ୍ରି

କଳିଙ୍ଗନଗର,୨୯।୧୨(ଡି.ଏନ.ଏ.): ବ୍ୟାସନଗର ସବ୍‌ରେଜିଷ୍ଟର ଅଫିସ (ଉପନିବନ୍ଧକଙ୍କ କାର୍ଯ୍ୟାଳୟ)ରେ ଜମି କିଣାବିକାରେ ବ୍ୟାପକ ଦୁର୍ନୀତି ଚାଲିଛି । ଜଣେ ବ୍ୟକ୍ତି ବିଦେଶରେ ରହୁଥିଲେ ମଧ୍ୟ ତାଙ୍କ ମୂଲ୍ୟବାନ୍ ଜମିକୁ ବିକ୍ରି କରି ଦିଆଯାଇଛି । ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅସଲି ଫଟୋକୁ ବ୍ୟବହାର କରାଯାଇଛି । ହେଲେ ଜମି ବିକ୍ରେତା ନକଲି ବୋଲି ଅଭିଯୋଗ ହୋଇଛି । ଏନେଇ ଅସଲି ମାଲିକ ବିଦେଶରୁ ଫେରି ଯାଜପୁରରୋଡ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

ଅଭିଯୋଗ ଅନୁଯାୟୀ ଜମି ମାଲିକ ଦୀପକ ଦାସ ବିଦେଶରେ ରହିଥିବା ବେଳେ ରସୁଲପୁର ତହସିଲ ଅର୍ନ୍ତଗତ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ମୌଜାର ୧୪ ଗୁଣ୍ଠ ୩ ଡିସିମିଲ ଜମି ଗତ ଜାନୁୟାରୀ ୩ରେ ବିକ୍ରି ହୋଇଥିଲା। ଏହି ଖବର ପାଇଁ ଦୀପକ ଆରଡିସି, ଯାଜପୁର ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ ବିଦେଶରୁ ଥାଇ ଲିଖିତ ଅଭିଯୋଗ ପଠାଇଥିଲେ । ସମ୍ପୃକ୍ତ ଅଧିକାରୀମାନେ ସବ୍-ରେଜିଷ୍ଟରଙ୍କୁ ତଦନ୍ତ କରିବାକୁ କହିଥିଲେ ମଧ୍ୟ ସେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ । ଏପରି କି ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ମଧ ପରବର୍ତ୍ତୀ ସମୟରେ ଅଭିଯୋଗ ଉପରେ କ'ଣ ତଦନ୍ତ ହେଲା ସେନେଇ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ବାଧ୍ୟ ହୋଇ ଦୀପକ ବିଦେଶରୁ ଫେରି କ୍ରେତା, ବିକ୍ରେତା ଏବଂ ଦଲାଲଙ୍କ ବିଷୟରେ ନିଜେ ତଦନ୍ତ କରି ତାଙ୍କ ବିରୋଧରେ ଯାଜପୁର ରୋଡ ଥାନାରେ ଅଭିଯୋଗ କରିଛନ୍ତି।

ଯାଜପୁର ରୋଡ ସବ୍‌ରେଜିଷ୍ଟର କାର୍ଯ୍ୟାଳୟରେ ପୂର୍ବରୁ ବ୍ୟାପକ ଦୁର୍ନୀତି ହେଉଥିବା ଅନେକ ଥର ଅଭିଯୋଗ ହୋଇଥିଲା । ଏବେ ଏଠାରେ ସବୁ ଦୁର୍ନୀତି ସୀମା ଲଂଘିଛି । ବହୁ ଦିନଧର ଏଠାରେ ରହିଥିବା କର୍ମଚାରୀମାନେ ଦଲାଲଙ୍କ ସହିତ ଭିତିରି ରାଜିନାମା କରି ବହୁ ଅନିୟମିତତାରେ ସାମିଲ ହୋଇଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଗଢି ଉଠିଥିବାବେଳେ ବ୍ୟାସନଗରରେ ଜମିର ବହୁ ଗୁରୁତ୍ୱ ବଢ଼ି ଯାଇଛି। ଏହାସହ ଜମି ମାଫିଆମାନେ ମଧ ଅଧିକ ସକ୍ରିୟ ହୋଇ ଉଠିଛନ୍ତି। ବହୁ ସରକାରୀ ଜମିକୁ କେତେଜଣ ବାହୁବଳି ଅନଧିକାର ଦଖଲରେ ନେଇ ପରବର୍ତ୍ତୀ ସମୟରେ ଦଲାଲଙ୍କ ସହାୟତାରେ ଏବଂ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟର ଅସାଧୁ କର୍ମଚାରୀଙ୍କୁ ହାତ କରି ରାତାରାତି ଜମି କବଲା କରାଇ ନେଉଛନ୍ତି । ଜମି ଖଣ୍ଡେ କ୍ରୟ ନିମନ୍ତେ ପ୍ରଥମେ ଏହି ଅଫିସରୁ ଇସି( ସମ୍ପୃକ୍ତ ଜମି ଉପରେ କୌଣସି ରଣ କିମ୍ବା ଜମିର ସ୍ଥିତି ସଠିକ ବାବଦ ପତ୍ର ) ବାହାର କରିବାକୁ ପଡୁଥିବା ବେଳେ ଏହାକୁ ମଧ୍ୟ ଏହି କାର୍ଯ୍ୟାଳୟରେ ଟ୍ୟାମ୍ପରିଂ କରି ସ୍ଥିତି ବଦଳାଇବାରେ ଏହି ଦଲାଲମାନେ ସକ୍ଷମ ହେଉଛନ୍ତି । ଏଠାରେ ମୁଷ୍ଟିମେୟ ମୋହରୀ ସବ୍-ରେଜିଷ୍ଟରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପରିଦର୍ଶନ କବଲା(ଭିଜିଟିଂ କବଲା) କରାଉଛନ୍ତି । ଏଥିନିମନ୍ତେ ମୋଟା ଅଙ୍କର ଅର୍ଥରାଶି ମଧ୍ୟ ଦାବି କରି ଉଭୟ ସବ୍-ରେଜିଷ୍ଟାର, ଅଫିସ କର୍ମଚାରୀ ଏବଂ ମୋହରୀ ମାଲେମାଲ ହେଉଛନ୍ତି । ଯେଉଁଠି ଜମିମାଲିକ ଅସୁସ୍ଥ କିମ୍ବା ଦିବ୍ୟାଙ୍ଗ ହୋଇଥାଏ, ସେହି କ୍ଷେତ୍ରରେ ତାଙ୍କର ଡାକ୍ତରୀ ପ୍ରମାଣପତ୍ର ସହ ଆବଶ୍ୟକ କାଗଜପତ୍ର ତନଖି କରି ସବ୍-ରେଜିଷ୍ଟର ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ କବଲା କରାଇବାର ସରକାରୀ ନିୟମ ରହିଛି । କିନ୍ତୁ ବ୍ୟାସନଗର ସବ୍-ରେଜିଷ୍ଟର ଅଫିସରେ ଥିବା କେତେଜଣ ପୁରୁଖା ମୋହରୀ ଅର୍ଥଲୋଭ ଦେଖାଇ ସବ୍-ରେଜିଷ୍ଟରଙ୍କୁ ରାତିରେ ବି ଜମି କବଲା କରାଇବାରେ ସକ୍ଷମ ହେଉଛନ୍ତି । ବ୍ୟାସନଗର ସହର ଭିତରେ ଜମି ପରିଦର୍ଶନ କବଲା କରିବା ନିମନ୍ତେ ୨୫୦ଟଙ୍କା ସରକାରୀ ଅର୍ଥ ଜମା ଧାର୍ଯ୍ୟ ରହିଛି। ସବ୍-ରେଜିଷ୍ଟର ସମୟ ବାହାର କରି ତାଙ୍କ ନିକଟକୁ ଯିବାକୁ ନିୟମ ରହିଥିବା ବେଳେ ଜମି ମାଲିକ ୧୦ହଜାର ଟଙ୍କା ନ ଦେଲେ ସାର ଯିବେନି ବୋଲି ଦଲାଲମାନେ କହି ମୁଲଚାଲ କରାଇଥାନ୍ତି। ତେବେ ଏହାର ସୁଯୋଗ ନେଇ ଅନ୍‌ଲାଇନ ଫଟୋ ଉଠାଇବା ସହ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟ କରିବା ବଦଳରେ ଅଫ୍‌ଲାଇନ ରେଜିଷ୍ଟ୍ରି କରାଯାଉଛି। ଏହିକ୍ରମରେ ଜଣେ ନକଲି ମାଲିକ ସାଜି ନିଜର ଫଟୋ ଦେଇ ଅନ୍ୟ ଜଣଙ୍କ ଜମି ହାତେଇ ନେଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏନେଇ ଯାଜପୁର ରୋଡ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ୩ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଡକାଯାଇ ତଦନ୍ତ ଆରମ୍ଭ ହୋଇଛି । ଅପରପକ୍ଷେ ଏନେଇ ବ୍ୟାସନଗର ସବ୍-ରେଜିଷ୍ଟରଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।




## ବିଜୟ ସାମଲ ବିଜେଡି ଜିଲା ସମ୍ପାଦକ ମନୋନୀତ

ଯାଜପୁର ଟାଉନ,୨୯।୧୨(ଡି.ଏନ.ଏ.):



ଯାଜପୁର ଜିଲା ବିଜେଡି ସମ୍ପାଦକ ଭାବେ ଯାଜପୁର ବ୍ଲକ୍‌ର ବିଜୟ ସାମଲଙ୍କୁ ମନୋନୀତ କରାଯାଇଛି । ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପରାମର୍ଶ ଓ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସୁପାରିସ କ୍ରମେ ସାମଲଙ୍କୁ ଏହି ପଦବୀ ମିଳିଛି। ତେବେ ଉକ୍ତ ନିଯୁକ୍ତି ମିଳିବା ପରେ ସାମଲଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୟପକ୍ଷରେ ସାମଲ ବିଧାୟକ ଦାସଙ୍କ ସମେତ ପୂର୍ବତନ ଯାଜପୁର ପୌରପାଳ ଭବପ୍ରସାଦ ଦାସ, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ବିଜେଡି ଜିଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ପାଣିକୋଇଲିରେ ଅଗ୍ନିକାଣ୍ଡ

ପାଣିକୋଇଲି,୨୯।୧୨(ଡି.ଏନ.ଏ.): ପାଣିକୋଇଲି ଗ୍ରାମର ୱାର୍ଡ ନମ୍ବର ୩ରେ ଥିବା ବଟକୃଷ୍ଣ ମଲିକଙ୍କ ଘରେ ବୁଧବାର ରାତିରେ ଅଗ୍ନିକଣ୍ଡ ଘଟିଛି। ଫଳରେ ତାଙ୍କର ୨ ବଖରା ଘର ପୋଡିଯାଇଛି। ପଡ଼ୋଶୀଙ୍କ ମଟରରୁ ପାଣି ଚଲାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା। ଖବର ପାଇ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଘଟଣାସ୍ଥଳେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ନିଜସ୍ୱ ଉଦ୍ୟମରେ ତାଙ୍କୁ କମ୍ବଳ, ଚାଉଳ, ରାଶନ ଯୋଗାଇ ଦେଇଛନ୍ତି।

### ଅସହାୟଙ୍କୁ ସହାୟତା

ଛତିଆ,୨୯।୨୨(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ସମିଆଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମଙ୍କ ଅଧକ୍ଷତାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜ୍ୟୋସ୍ନାରାଣୀ ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଞ୍ଚାୟତର ଅସହାୟ, ଗରିବ, ନିରାଶ୍ରୟ, ଦିବ୍ୟାଙ୍ଗ, ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧ ଆଦି ସମସ୍ତ ଜନସାଧାରଣଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିଆଁ ସମିତିସଭ୍ୟା ରେବତି ଭୋଇ, ପଞ୍ଚାୟତ ଭାଜପା ସଭାପତି କାର୍ତ୍ତିକ ସାମନ୍ତ, ସାମାଜିକ କର୍ମୀ ଦିଲୀପ ମଙ୍ଗରାଜ, ବିକ୍ରମ କିଶୋର ବ୍ରହ୍ମ, ନଗେନ୍ଦ୍ର କୁମାର ରାଉତରାୟ, ବିଷ୍ଣୁ ବେହେରା ଓ ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ସମସ୍ତ ଗ୍ରାମରେ ୩,୫୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

### ଅଧ୍ୟାପିକା, ଅଧ୍ୟାପକଙ୍କ ସାଧାରଣ ପ୍ରକୋଷ୍ଠ ଉଦ୍‌ଘାଟିତ

ଯାଜପୁର ରୋଡ,୨୯।୧୨(ଡି.ଏନ.ଏ.): ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା,ଅଧ୍ୟାପକଙ୍କ ସାଧାରଣ ପ୍ରକୋଷ୍ଠ ଓ ବିଦ୍ୟାର୍ଥୀ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଅନୁଷ୍ଠାନର ଅଧ୍ୟକ୍ଷା ପଙ୍କଜିନୀ ପାଣି ଉଦ୍‌ଘାଟନ କରିଛନ୍ତି । ବରିଷ୍ଠ ଅଧ୍ୟାପିକା ଲଳିତା ସାହୁ, ଦୀପ୍ତିମୟୀ ରାଉତ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ, ମମତାମୟୀ ଦାସ, ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ, ଚିତ୍ତରଞ୍ଜନ ବଳ, ହୃଷିକେଶ ତ୍ରିପାଠୀ, ସୁବାସ ଚନ୍ଦ୍ର ସ୍ୱାଇଁ ଏଥିରେ ପ୍ରମୁଖ ସାମିଲ ହୋଇଥିଲା । ମୁଖ୍ୟକିରାଣୀ କଲ୍ୟାଣୀ ପରିଡା, କ୍ଷୀରୋଦ ରାଉତ, ଶିବପ୍ରସାଦ ଦାସ, ଅଶୋକ ଭଞ୍ଜ, ବିନାୟକ ପାଢୀ, ବସନ୍ତ ସେଠୀ, ରମେଶ ସ୍ୱାଇଁ, ଜୟପ୍ରକାଶ ଦାସ, ସୁକାନ୍ତି ଦାସ, ସତ୍ୟଭାମା ସ୍ୱାଇଁ, ଅଚ୍ୟୁତ ମଲ୍ଲିକ, ପ୍ରଦୀପ ଦାସ ପ୍ରମୁଖ ଏଥିରେ ସହାୟତା କରିଥିଲେ ।

### ଧର୍ମପ୍ରାଣାଙ୍କ ପରଲୋକ

ସିଂହପୁର,୨୯।୧୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ ଅଙ୍ଗାଲୋ ଗ୍ରାମର ସ୍ୱର୍ଗତ ବାମଦେବ ସାମଲଙ୍କ ସ୍ତ୍ରୀ ଶୈଳବାଳା ସାମଲ(୮୭)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ସ୍ନେହୀ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ।

# 'ସାହିତ୍ୟରୁ ହିଁ ଶିକ୍ଷା ମିଳିଥାଏ'

**ଚାଲଘର ସାହିତ୍ୟ ସଂସଦର ୩ୟ ସ୍ୱନକ୍ଷତ୍ର ଉତ୍ସବ**

ବରୀ,୨୯।୧୨(ଡି.ଏନ.ଏ.):




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ସାହିତ୍ୟ ହେଉଛି ସମ୍ପର୍କର ସେତୁ। ସେହି ସମ୍ପର୍କରେ ଯୋଡ଼ି ହୋଇଛି ବରୀର 'ଚାଲଘର'। ଏହି ଚାଲଘର ସାହିତ୍ୟ ସଂସଦ ୩ବର୍ଷର ଶିଶୁ ହୋଇ ସତେ ଯେମିତି ସାହିତ୍ୟକୁ ବଞ୍ଚାଇବା କ୍ଷେତ୍ରରେ ଉଦ୍ୟମ ଜାରି ରଖିବା ବରୀ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ। ଗୁରୁବାର ବରୀ ଚାଲଘର ସାହିତ୍ୟ ସଂସଦର ତୃତୀୟ ସ୍ୱନକ୍ଷତ୍ର ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ ଏହି ମତପ୍ରକାଶ କରିଛନ୍ତି। ଅଜାଣ ମାୟାଧର ଭୂୟାଁ ପୀଠରେ ଅନୁଷ୍ଠିତ ଏହି ଉତ୍ସବକୁ ବିଧାୟିକା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିରଜା ପ୍ରସାଦ ପରିଡ଼ା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସର୍ବେଶ୍ୱର ଶତପଥୀ ଯୋଗଦେଇ ସାହିତ୍ୟ ବିନା ସମାଜ ତିଷ୍ଠି ପାରିବ ନାହିଁ। ସାହିତ୍ୟରୁ ହିଁ ଶିକ୍ଷା ମିଳିଥାଏ। ତେଣୁ ସାହିତ୍ୟକୁ ଅନୁଧ୍ୟାନ କରିଥିବା ମଣିଷ ବଡ଼ ମଣିଷ ନ ହେଲେ ବି ଭଲ ମଣିଷ ହୋଇ ସାମାଜିକ ବିଦ୍ଧିବ୍ୟବସ୍ଥାକୁ ଅନୁକରଣ କରି ସମାଜକୁ ଦୀଗଦର୍ଶନ ଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ପ୍ରାକ୍ତନ ବିଧାୟକ କୁଳମଣି ରାଉତ, ସରପଞ୍ଚ ଚପଳା ମଲ୍ଲ, ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, କେଦାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୯ କ୍ଷତି ସମ୍ପନ୍ନ ବ୍ୟକ୍ତିଙ୍କୁ ନେଇ 'ଖାସ୍ ସେଇ ମାନଙ୍କ ପାଇଁ'ନାମରେ ଏକ ସ୍ୱତନ୍ତ୍ର ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ଦିଲୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ପ୍ରତାପ ଦାସ ସମ୍ପାଦକୀୟ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭ୍ୟ ଅଶୋକ କୁମାର ଦାସ, ସଭ୍ୟା ବନ୍ଦନା ପଣ୍ଡା ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅଶୋକ ସମାଲ, ଗମ୍ଭୁଁ ସରପଞ୍ଚ ଜଗଦୀଶ ଜେନା, ହରିହର ପଣ୍ଡା, ବରୀ ସମିତିସଭ୍ୟ ସଞ୍ଜୀବ ଜେନା, ଶିବ ପ୍ରସାଦ ଦାସ, ଯୁବ ସାମାଜିକ କର୍ମୀ ମନୋଜ ମଲ୍ଲ, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ପୂର୍ବତନ ସରପଞ୍ଚ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାୟଲ୍ ମ୍ୟୁଜିକ ସ୍କୁଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନ୍ୟତମ ସଭ୍ୟ ପ୍ରମୋଦ ଦାସ ଧନ୍ୟବାଦ ଦେଇଥିଲେ।

## ବେଆଇନ ଲଟେରି ବନ୍ଦ ପାଇଁ ଦାବିପତ୍ର

ପାଣିକୋଇଲି,୨୯।୧୨(ଡି.ଏନ.ଏ.): କୁଆଖିଆ ବଜାରଠାରେ ବହୁ ଦଶନ୍ଧି ଧରି ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଆସୁଛି। ତେବେ ଉକ୍ତ ପୂଜା ସମୟରେ ମହୋତ୍ସବ କମିଟି ଲକ୍ଷ୍ମୀ ନାରାୟଣ ମନ୍ଦିର ନାମରେ ବେଆଇନ ଲଟେରି ଟିକେଟ ବିକ୍ରି କରି ନିଜର ସ୍ୱାର୍ଥରେ ଲଗାଉଛି। ମହୋତ୍ସବକୁ ଆସୁଥିବା ନିରୀହ ଗରିବ ଜନସାଧାରଣଙ୍କ ଅର୍ଥକୁ ଶୋଷଣ କରାଯାଉଛି। ତେଣୁ ୨୦୧୭ ଓ ୨୦୧୮ରେ ଆଇନଗତ ଭାବେ ଜିଲା ପ୍ରଶାସନ ଏହାକୁ ବନ୍ଦ କରିଥିଲା। ମାତ୍ର ପୁର୍ନବାର ଚଳିତ ବର୍ଷ ସେହି ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ସ୍ଥାନୀୟ ପ୍ରଶାସନକୁ ହାତବାରିସ କରି ବେଆଇନ ଲଟେରି ଟିକେଟ ବିକ୍ରି କରୁଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବେଆଇନ ଲଟେରି ବନ୍ଦ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ କୁଆଖିଆ ଜନସାଧାଣଙ୍କ ପକ୍ଷରୁ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରାଯାଇଛି। ଏଥିସହିତ ଯାଜପୁର ଜିଲାପାଳ, ରସୁଲପୁର ତହସିଲଦାର, କୁଆଖିଆ ଥାନାଧିକାରୀ, ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୟାଧର ମଲିକ, ରବି ମଲିକ, ଶଶିକାନ୍ତ ମଲ୍ଲିକ, ମାଗୁଣୀ ଜେନା, ଖିରୋଦ ମଲିକ ଓ ଦୁଷ୍ମନ୍ତ ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଲଟେରି ବିକ୍ରି କରୁଥିବା କମିଟିର ପ୍ରତିକ୍ରିୟା ମିଳି ପାରିନାହିଁ।

# ସଙ୍ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ଧର୍ମଶାଳା ମହୋତ୍ସବର ୫ମ ସନ୍ଧ୍ୟା**

ଧର୍ମଶାଳା, ୨୯ । ୧୨(ଡି.ଏନ.ଏ.) ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଯାଜପୁର ବିରଜା କଲଚରାଲ ଏକାଡେମୀ ଓ ଭୁବନେଶ୍ୱର ମେଲୋଡି ପୁରାନେ ୟାଦେଁ କଳାକାରମାନଙ୍କ ଗୀତରେ ଦର୍ଶକ ଝୁମି ଥିଲେ। ବିଶେଷକରି ପୁରାନେ ୟାଦେଁ ମେଲୋଡି ଟିମ୍ ପକ୍ଷରୁ ଗାୟକ ନୋଭା ବିଶ୍ୱାସ, ପ୍ରକାଶ ଦୁବେ, ବୁବୁ ଉଦ୍‌ଗାତାଙ୍କ ଗୀତ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଭରପୁର ଉପଭୋଗ କରିବା ସହ ମହୋତ୍ସବରେ ବୁଲିବାର ଆନନ୍ଦ ଉଠାଉଛନ୍ତି। ତେବେ କରୋନା ପାଇଁ ଧର୍ମଶାଳା ମହୋତ୍ସବ ଅଧାରୁ ବନ୍ଦ ହୋଇଯିବ ବୋଲି କିଛି ଖଳ ପ୍ରକୃତିର ଲୋକେ ଅପପ୍ରଚାର କରୁଥିବା ଲକ୍ଷ୍ୟ କରାଯାଉଥିବାରୁ ଆସୁଥିବା ହଜାର ହଜାର ଦର୍ଶକଙ୍କ ହୃଦୟକୁ ଆଘାତ ଦେଉଛି। ତେବେ ସରକାରଙ୍କ ପକ୍ଷରୁ ଏଭଳି କୌଣସି ଗାଇଡ୍‌ଲାଇନ ଆସି ନ ଥିବା ବେଳେ ଖଳ ପ୍ରକୃତିର ଲୋକମାନଙ୍କ ଦ୍ୱାରା ଅପପ୍ରଚାର କରାଯାଉଥିବା ଗୁଜବକୁ ବେଖାତିର କରିବାକୁ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଏକ ପ୍ରେସ ରିଲିଜରେ ନିବେଦନ କରାଯାଇଛି। ଗତ ୨୫ ତାରିଖ ସନ୍ଧ୍ୟାରୁ ଉଦ୍‌ଘାଟିତ ହୋଇଥିବା ଏହି ମହୋତ୍ସବ ଜାନୁୟାରୀ ୫ ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ଉତ୍ସବରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୁଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେବେ। ଶୁକ୍ରବାର ସନ୍ଧ୍ୟାରେ ମହୋତ୍ସବ ରଙ୍ଗ ମଞ୍ଚରେ ଯାଜପୁରର ଫ୍ରେଣ୍ଡସ ମ୍ୟାଜିକ ଶୋ ଓ ଆନନ୍ଦପୁର ବିଣାପାଣୀ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିର ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

## ନିଶା ଖାଇବାକୁ ଟଙ୍କା ନ ଦେବାରୁ ଦାଦା,ମା'ଙ୍କୁ ଆକ୍ରମଣ

ଧର୍ମଶାଳା, ୨୯।୧୨(ଡି.ଏନ.ଏ.) ନିଶା ଖାଇବାକୁ ଟଙ୍କା ନ ଦେବାରୁ ମା'ଦାଦାଙ୍କୁ ପୁଅ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଭଳି ଘଟଣା ଘଟିଛି ଧର୍ମଶାଳା ଥାନା ମିର୍ଜାପୁର ଗ୍ରାମରେ। ଗ୍ରାମର ଜଣେ ଯୁବକ ନିଶା ଖାଇବାକୁ ମା'ଙ୍କୁ ଟଙ୍କା ମାଗିଥିଲେ। ତେବେ ଟଙ୍କା ନ ଥିବାରୁ କେଉଁଠୁ ଆଣି ଦେବେ ବୋଲି ମା' କହିବାରୁ ପୁଅ ତାଙ୍କୁ ଆକ୍ରମଣ କରିବା ସହ ରୋକିବାକୁ ଆସିଥିବା ଦାଦାଙ୍କୁ ମଧ ସେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କ ପୁଅ ସୁମନ୍ତ ନିଶା ଖାଇବା ପାଇଁ ନିଜ ମା' ନର୍ମଦା (୫୪)ଙ୍କୁ ଟଙ୍କା ମାଗିଥିଲେ। ତେବେ ମା' ଟଙ୍କା ଦେବାକୁ ମନା କରିବାରୁ ସୁମନ୍ତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଥିବା ସୁମନ୍ତଙ୍କ ସମ୍ପର୍କୀୟ ଦାଦା ବାବନ ମାଡ ରୋକିବାକୁ ଆସିବାରୁ ସୁମନ୍ତ ତାଙ୍କୁ ମଧ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୭୧୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## କାର ସହ ଗଞ୍ଜେଇ ଜବତ, ୨ ଗିରଫ

ଧର୍ମଶାଳା, ୨୯।୧୨ ( ଡି.ଏନ.ଏ.) ଯାଜପୁର ଜିଲା ସ୍ପେଶାଲ ପୋଲିସ ସ୍କ୍ୱାଡ୍ ଚଣ୍ଡିଖୋଲ ନିକଟରୁ ଏକ କାରରୁ ୭ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ମାର୍ଶାଘାଇ ଅଞ୍ଚଳର ବ୍ୟବସାୟ ପ୍ରଭାତ ବେହେରା କାରରେ ଫୁଲବାଣୀରୁ ଗଞ୍ଜେଇ ଆଣି ବିଭିନ୍ନ ସ୍ଥାନରେ ଚୋରା ବେପାରୀଙ୍କୁ ଯୋଗାଇ ଆସୁଥିଲେ। ଖବରପାଇ ଛତିଆରୁ ପୋଲିସ ସ୍କ୍ୱାଡ୍‌ର ୨ ଅଧିକାରୀ ବାଇକ୍‌ରେ ଗଞ୍ଜେଇ ବୋଝେଇ କାରର ପିଛା କରି ଚଣ୍ଡିଖୋଲ ନିକଟରେ ଅଟକାଇ ବ୍ୟବସାୟୀଙ୍କୁ ଧରିଥିଲେ। ଗଞ୍ଜେଇ ପାଇଁ ସେଠାକୁ ଆସିଥିବା ସ୍ଥାନୀୟ କଣ୍ଟିଗଡ଼ିଆ ଗାଁର ସୁଶାନ୍ତ ରାଉତଙ୍କୁ ପୋଲିସ କାବୁ କରିଥିଲେ। ଏହି ବେଆଇନ କାରବାରରେ ସମ୍ପୃକ୍ତ ଜଣେ ମହିଳା ଖସିଯିବାକୁ ସକ୍ଷମ ହୋଇଥିବା ଜଣାଯାଇଛି। ଧର୍ମଶାଳା ପୋଲିସ ପ୍ରଭାତ ଓ ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୌତୁକ ନିର୍ଯାତନା, ସ୍ୱାମୀ କୋର୍ଟ ଚାଲାଣ

ରସୁଲପୁର,୨୯।୧୨(ଡି.ଏନ.ଏ.): କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତରେ ସ୍ତ୍ରୀ ନନ୍ଦିତାରାଣୀ ବେହେରାଙ୍କୁ ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ବାବୁଲି ଚରଣ ବେହେରା କୋର୍ଟଚାଲାଣ ହୋଇଛନ୍ତି। ୮ବର୍ଷ ତଳେ କେନ୍ଦ୍ରାପଡା ଜିଲା ବାରିମୂଳ ଗ୍ରାମରେ ଅଭିଯୁକ୍ତ ସ୍ୱାମୀ ବାବୁଲି ବିବାହ କରିଥିଲେ। ବିବାହର କିଛିବର୍ଷ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଭଲରେ କଟି ଥିଲା। ଏହାରି ଭିତରେ ବାବୁଲିଙ୍କ ୫ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ଅଭିଯୁକ୍ତ ଜଣକ ସ୍ତ୍ରୀଙ୍କୁ ନାନା ସମୟରେ ମାଡଧର କରିବା ସହ ବାପଘରୁ ଯୌତୁକ ଆଣିବାକୁ ଚାପ ପକାଉଥିଲେ। ଏଥିରେ ରାଜି ନ ହେବାରୁ ସ୍ୱାମୀ ନନ୍ଦିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଉକ୍ତ ଘଟଣାକୁ ଅନେକଥର ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ଆପୋସ ସମାଧାନ କରାଯାଇ ଥିଲା। ହେଲେ ବାବୁଲିଙ୍କ ଆଚରଣରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା । ଏ ନେଇ ସେପ୍ଟେମ୍ବରରେ ନନ୍ଦିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭୯/୨୨ରେ ଏକ ମାମଲା ରୁଜୁ କରିଥିଲା। ଏସଆଇ ଅନିତା ପ୍ରଧାନ ଘଟଣା ତଦନ୍ତ କରୁଥିଲେ। ଥାନାରେ ଅଭିଯୋଗ ପରେ କୁଆଡେ ସ୍ୱାମୀଙ୍କ ଆଚରଣ ଓ ଉଚାରଣରେ ପରିବର୍ତ୍ତନ ଘଟିବ ବୋଲି ଉଭୟ ପୋଲିସ ଓ ସ୍ତ୍ରୀ ଆଶା ରଖିଥିଲେ। ହେଲେ ସେଭଳି କିଛି ଘଟି ନ ଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ରାଜ୍ୟ ରାଜନୀତିରେ ଅଶୋକ ଥିଲେ ଦୁର୍ବାସା

**ଅଶୋକ ଦାସଙ୍କ ୧୪ତମ ଶ୍ରାଦ୍ଧ ଦିବସ**




ଅଶୋକ ଦାସଙ୍କ ସ୍ମୃତି ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ଯାଜପୁର ଟାଉନ/ପାଣିକୋଇଲି/ ଝୁମ୍ପୁରୀ,୨୯।୧୨(ଡି.ଏନ.ଏ.): ଅଶୋକ ଦାସଙ୍କ ୧୪ତମ ଶ୍ରାଦ୍ଧ ଦିବସ ଅବସରରେ ଗୁରୁବାର ଯାଜପୁର ପୌରାଞ୍ଚଳ ପକ୍ଷରୁ ଅଶୋକ ଦାସ ଶ୍ରଦ୍ଧାଳୁ ଶ୍ରଦ୍ଧାଞ୍ଜଳି ସମିତି ଆନୁକୂଲ୍ୟରେ ସ୍ଥାନୀୟ ବିରଜା ପାନ୍ଥଶାଳା ପ୍ରାଙ୍ଗଣରେ ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାସଙ୍କ ଫଟୋଚିତ୍ରରେ ବର୍ଷିୟାନ ସାମାଜିକ କର୍ମୀ ତଥା ଅଶୋକ ଦାସଙ୍କ ଏକାନ୍ତ ଅନୁଗତ ବିଷ୍ଣୁବିହାରୀ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରାହ୍ନ ୪ଟାରେ 'ସ୍ମୃତିରେ ଅଶୋକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଅଧକ୍ଷତା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ସାମ୍ବାଦିକ ଅଜିତ ଦାସ, ରବି ବେହେରା ଓ ସାମାଜିକ କର୍ମୀ ବିଷ୍ଣୁବିହାରୀ ପ୍ରମୁଖ ଯୋଗଦେଇଥିଲେ। ଅଶୋକ ଦାସ ଶ୍ରଦ୍ଧାଳୁ ଶ୍ରଦ୍ଧାଞ୍ଜଳି ସମିତିର ବରିଷ୍ଠ ସଦସ୍ୟ ଜୟନ୍ତ ଗୋସ୍ୱାମୀ, ବଟକୃଷ୍ଣ ମହାପାତ୍ରଙ୍କ ସମେତ କଂଗ୍ରେସ ନେତା ଦିଗମ୍ବର କର, ଭାଜପା ନେତା ରମେଶ ସାମଲ, ବରୀ ବ୍ଲକ୍‌ର ପୂର୍ବତନ ଅଧକ୍ଷ ନୀଳମଣି ସାମଲ ପ୍ରମୁଖ ଯୋଗଦେଇ ଅଶୋକ ଦାସ ଓଡ଼ିଶା ରାଜନୀତିର ଏକ ବିସ୍ମୟ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ମହାନ୍ତି ଅଶୋକଙ୍କ ସ୍ମୃତିଚାରଣ କରି କହିଥିଲେ, ସେ ସମୟର ବିଧାନସଭାର ଚର୍ଚ୍ଚିତ ବକ୍ତବ୍ୟ ଏବେ ଆଉ ଶୁଣିବାକୁ ମିଳୁନାହିଁ। ଅଶୋକ ଦାସଙ୍କ ସମୟର ରାଜନୀତି ଏବେକା ସମୟର ରାଜନୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ବାସ୍ତବରେ ଅଶୋକ ଥିଲେ ରାଜ୍ୟ ରାଜନୀତିର ଦୁର୍ବାସା। ତାଙ୍କୁ ଖବରଦାତାମାନେ ସମ୍ମୁଖୀନ ହେବାକୁ ଭୟ କରୁଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ କାନୁନଗୋ ତାଙ୍କ ବକ୍ତବ୍ୟରେ ଅଶୋକ ହିମାଳୟ ପରି ସୁଉଚ୍ଚ ବ୍ୟକ୍ତିତ୍ୱ ଥିଲେ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମ ଜରିଆରେ ଅଶୋକଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍, ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅଶୋକ ଦାସ ଶ୍ରଦ୍ଧାଳୁ ଶ୍ରଦ୍ଧାଞ୍ଜଳି ସମିତିର ବହୁ ସଦସ୍ୟ, ଯୁବତୀଯୁବକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତପନ ମହାନ୍ତି, ନୃସିଂହ ରାଉତ, ରାଜୀବ ମହାନ୍ତି, ଦଶରଥ ଦାସ, ବିଶ୍ୱଜିତ ରଣା, ସମରଜିତ ମହାନ୍ତି, ପ୍ରଫୁଲ୍ଲ ସାମଲ, ଦିଲ୍ଲୀପ ଦାସ, ମାନସ ମହାନ୍ତି ଓ ମାମିନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଯୁବନେତା ଧର୍ମେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ପାଣିକୋଇଲିରେ ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ସକାଳୁ ମା' ତାରିଣୀ ପୀଠରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ ଅତିଥି ଭାବେ ମୋ କଲେଜ ଅଧକ୍ଷ ଆକାଶ ଦାସନାୟକ ଓ କୋରେଇ ବିଧାୟକ ଅଶୋକ ବଳ ଯୋଗ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ପରେ ସ୍ମୃତିଚାରଣ ସଭା ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମା' ତାରିଣୀ ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ବେଦ ପାଠପରେ କୋରେଇ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ଭିକାରୀ ବରାଳ, ଧରଣୀଧର ଘଡାଇ ଓ ଗୋଲକ ମାଝି ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ। କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସେହିପରି ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଦଶରଥପୁର ବ୍ଲକ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ସହ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ବୈତରଣୀ ନଦୀର ଚାନ୍ଦକୁଡ଼ା ଘାଟଠାରେ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ସହ ତିଳତର୍ପଣ ଦିଆଯାଇଥିଲା। ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟନ୍ତରା ସରପଞ୍ଚ ସ୍ନିଗ୍ଧାମଞ୍ଜରୀ ରାଉତ, ଚମ୍ପେଇପାଳ ସମିତିସଭ୍ୟ ବିଜୟ ନାୟକ, ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ବୈତରଣୀ ନଦୀର ଏହି ଘାଟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବ୍ଲକ୍‌ର ରାମବାଗସ୍ଥ ରିଜିଓନାଲ କଲେଜ ଓ କୁଆଁସ ମଙ୍ଗଳାପୀଠରେ ଅଶୋକ ଦାସ ଫାଉଣ୍ଡେଶନ ଆୟୋଜନରେ ୨ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୮୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ସଂକ୍ଷେପରେ

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କୁଜଙ୍ଗ,୨୯।୧୨(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବାଗୋଇ ପଞ୍ଚାୟତରେ ଭତ୍ତା ବଣ୍ଟନ ସହ ବାଗୋଇ ଗ୍ରାମର ରାମଚଣ୍ଡୀପଡ଼ାଠାରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହୋଇଯାଇଛି। ସରପଞ୍ଚ ପ୍ରଭାଞ୍ଜଳି ସେଠୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ସମ୍ମାନିତ ଅତିଥିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ ଯୋଗଦେଇଥିଲେ। ଏହି ଅବସରରେ ୨୬ ଜଣ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜ୍ଞାନ କୁମାର ବେଉରା ଓ ବିଆରସିସି ଜଗବନ୍ଧୁ ଦାସ ଉପସ୍ଥିତ ଥିଲେ।

### ସମାରୋହରୁ ଜ୍ଞାନ ଆହରଣ କରି ଫେରିଲେ ୨ ଉପଭୋକ୍ତା କର୍ମୀ

ରଘୁନାଥପୁର,୨୯।୧୨(ଡି.ଏନ.ଏ.): କେନ୍ଦ୍ର ଉପଭୋକ୍ତା ବିଭାଗ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସ ୨୦୨୨ ସମାରୋହରୁ ଜ୍ଞାନ ଆହରଣ କରି ୨ ଉପଭୋକ୍ତା ଅଧିକାର କର୍ମୀ ଓଡ଼ିଶା ଫେରିଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ଅଞ୍ଚଳରୁ ଗୋବିନ୍ଦ ଓଝା ଓ ଯାଜପୁର ଜିଲାର ହୃଷୀକେଶ ପଣ୍ଡା। ଉଭୟେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଭରଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ର ଉପଭୋକ୍ତା ବିଭାଗ ମନ୍ତ୍ରୀ ପୀୟୂଷ ଗୋଏଲ ସମାରୋହକୁ ଉଦ୍‌ଘାଟନ କରି ନିଜର ବକ୍ତବ୍ୟ ରଖିଥିଲେ। ସେଠାରେ ତ୍ୱରିତ ନ୍ୟାୟ ଉପଭୋକ୍ତା ଆୟୋଗଙ୍କ ଦକ୍ଷତା ବୃଦ୍ଧି, ମଧ୍ୟସ୍ଥତା ଓ ବିକଳ୍ପ ନ୍ୟାୟ ବ୍ୟବସ୍ଥା, ଭିସି ମାଧ୍ୟମରେ ଫାଇଲିଙ୍ଗ ଓ ଶୁଣାଣି କରାଯିବା, ବିଭିନ୍ନ ମୋବାଇଲ ଆପ ଓ ଗୁଜରାଟ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଉପଭୋକ୍ତା କର୍ମୀ ଓଝା କହିଛନ୍ତି। ସମାରୋହରେ ୫ ଶହ ଉପଭୋକ୍ତା ଅଧିକାର କର୍ମୀ ଯୋଗ ଦେଇଥିଲେ। ଜାତୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ବିଚାରପତି ଆର.ଏଚ. ଅଗ୍ରୱାଲ, କେନ୍ଦ୍ର ୟୁନିୟନ ମନ୍ତ୍ରୀ ସାଧବୀ ନିରଞ୍ଜନ ଜ୍ୟୋତି, ଯୁଗ୍ମ ସଚିବ ଅନୁପମ ମିଶ୍ର ଓ ସଚିବ ରୋହିତ କୁମାର ସିଂଙ୍କ ସହ ବହୁ ପଦାଧିକାରୀ ବ୍ୟକ୍ତି ଉପସ୍ଥିତ ରହି ଉପଭୋକ୍ତା ଅଧିକାର ଆଇନ ସମ୍ପର୍କିତ ଜ୍ଞାନ ପ୍ରଦାନ କରିଥିବା ଓଝା ପ୍ରକାଶ କରିଛନ୍ତି। ଅଞ୍ଚଳର ବୁଦ୍ଧିଜୀବୀ, ଖାଉଟି ଓ ବିଭିନ୍ନ ଉପଭୋକ୍ତା ସଙ୍ଗଠନ ପକ୍ଷରୁ ୨ ଉପଭୋକ୍ତା ଅଧିକାର କର୍ମୀଙ୍କୁ ସ୍ୱାଗତ କରାଯାଇଛି।

### ପୂଜ୍ୟପୂଜା ସଂସଦର ବନ୍ଧୁ ମିଳନ

ବାଲିକୁଦା,୨୯।୧୨(ସ୍ୱ.ପ୍ର.): ବାଲିକୁଦା ପୂଜ୍ୟପୂଜା ସଂସଦର ଏକ ବନ୍ଧୁ ମିଳନ ଉତ୍ସବ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁସ୍ଥିତ କେଳି ମଠରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଅରୁଣ ମହାନ୍ତି ସଂଯୋଜନା କରିଥିଲେ। ବୈଠକରେ ବାବାଜି ମହାରାଜ ସିଦ୍ଧେଶ୍ୱର ଦାସ ଓ ସୀତାରାମ ଦାସ ଯୋଗଦେଇ ଆଧ୍ୟାତ୍ମିକବାଦ ଉପରେ ଆଲୋଚନା କରିଥିଲେ। ସଂସଦର ମୁଖପତ୍ର ପୂଜାଫୁଲର ସମ୍ପାଦକ ଡ. ବିଷ୍ଣୁ ଚରଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସଂସଦର ବିଭିନ୍ନ କାର୍ଯ୍ୟପନ୍ଥାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପବିତ୍ର ମୋହନ ସାହୁ, ଭାରତୀ ମିଶ୍ର, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ଶ୍ୱେତକୁମାର ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ମଦ ପିଇ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ'

**ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ**

- ଜିଲାରେ ୧୨ ବ୍ଲାକ ସ୍ପଟ୍ ରହିଛି, ଆଉ ୬ଟି ଚିହ୍ନଟ ହେବ
- ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ମିଳିବ ସାର୍ଟିଫିକେଟ୍
- ପାରାଦୀପ, ଜଗତ୍‌ସିଂହପୁର ରାସ୍ତା ପାର୍ଶ୍ୱରେ ଲାଗିବ ସିସିଟିଭି


ବୈଠକରେ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟ ଅଧିକାରୀମାନେ।

ଜଗତ୍‌ସିଂହପୁର ଅଫିସ, ୨୯।୧୨

ଜିଲାରେ ଅଧିକ ସଂଖ୍ୟକ ବାଇକ୍ ଚାଳକ ଅଛନ୍ତି। ସେମାନଙ୍କ ନିରାପଦ ଯାତ୍ରା ପାଇଁ ହେଲମେଟ୍ ଚେକିଂକୁ ଜୋରଦାର କରିବାକୁ ପଡ଼ିବ। କେହି ମଦ ପିଇ କିମ୍ବା ମୋବାଇଲ ବ୍ୟବହାର କରି ଗାଡି ଚଳାଉଥିଲେ ଚାଳକଙ୍କୁ ତୁରନ୍ତ ଧରି ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ଜରୁରୀ। ବିଶେଷକରି ଜିଲାରେ ଏନଫୋର୍ସମେଣ୍ଟ ପ୍ରକ୍ରିୟାକୁ ଜୋରଦାର କରିବାକୁ ପଡ଼ିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ପୋଲିସ ଓ ପରିବହନ ବିଭାଗ କର୍ମକର୍ତ୍ତାଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଜିଲାରେ ଜାତୀୟ ରାଜପଥରୁ ହମ୍ପସ୍ ଓ ସ୍ପିଡ ବ୍ରେକର ହଟାଇ ଦିଆଯାଇଛି। ତେଣୁ ଗାଡି ଚାଳନା ସମୟରେ ବେସ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ସମ୍ପ୍ରତି ଜିଲାରେ ୧୨ଟି ବ୍ଲାକ ସ୍ପଟ୍ (ଦୁର୍ଘଟଣାପ୍ରବଣ) ଚିହ୍ନଟ କରାଯାଇ ରିଫ୍ଲେକ୍ଟର ଓ ସାଇନେଜ୍ ଲଗାଯାଇଛି। ଆଉ ୬ଟି ବ୍ଲାକ ସ୍ପଟ୍ ଚିହ୍ନଟ ହେବ। ଏସବୁ ବ୍ଲାକ ସ୍ପଟ୍ ସ୍ଥାନରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏନେଇ ୭୦ଜଣ ସ୍ୱେଚ୍ଛାସେବୀ ମନୋନୀତ ହୋଇଛନ୍ତି । ସେମାନଙ୍କୁ ୬ଜଣ ମାଷ୍ଟର ଟ୍ରେନର ତାଲିମ ଦେବେ। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ସ୍ଥାନାନ୍ତର ପାଇଁ ସେମାନେ କି ପଦକ୍ଷେପ ନେବେ ତାଲିମ ଦିଆଯିବ। ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ (ଗୋଲଡେନ୍ ଆୱାର) ଆହତଙ୍କୁ ନିକଟସ୍ଥ ମେଡିକାଲରେ ପହଞ୍ଚାଇଲେ ସେମାନଙ୍କୁ ଗୁଡ୍ ସାମାରିଟାନ୍ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱେଚ୍ଛାସେବୀଙ୍କୁ ଡାକ୍ତରମାନେ ପ୍ରମାଣପତ୍ର ଦେବେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଲାର ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ନିୟୋଜିତ ଡାକ୍ତରଙ୍କୁ ଅବଗତ କରାଇବେ। ଏହାବାଦ୍ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବେଆଇନଭାବେ ଗାଡି ପାର୍କିଂ, ପାରାଦୀପ ଓ ଜଗତ୍‌ସିଂହପୁର ପୌରାଞ୍ଚଳ ରାସ୍ତାରେ ସିସିଟିଭି ଲଗାଇବା, ଟ୍ରକ ଟର୍ମିନାଲ ପାଇଁ ଜମି ନିରୂପଣ, ଦ୍ରୁତଗତିରେ ଗାଡିଚାଳନା, ୪୦ ବର୍ଷରୁ ଅଧିକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରିନ୍ୟୁବେଳେ ମେଡିକାଲ ସାର୍ଟିଫିକେଟ୍, ଭାରିଯାନ ଚାଳକଙ୍କୁ ରିଫ୍ରେସର ଟ୍ରେନିଂ, ଯୋଗଧାରୀ ନୂଆ ବସଷ୍ଟାଣ୍ଡ ଉନ୍ନତୀକରଣ ଓ ବକ୍ସ କଲଭର୍ଟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ, କର୍ମକର୍ତ୍ତା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ ମହାପାତ୍ର, ବସ ମାଲିକ ସଂଘ କର୍ମକର୍ତ୍ତା, ରାସ୍ତା ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ ।

# ପଦନୀପାଳ ସରପଞ୍ଚଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ

ଆଳି,୨୯।୧୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ପଦନୀପାଳ ସରପଞ୍ଚ ବିକ୍ରମ ମଲ୍ଲିକଙ୍କ ପରିବାର ଉପରେ ଗାଁର ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସଂଘବଦ୍ଧ ହୋଇ ଅତର୍କିତ ଆକ୍ରମଣ ଗୁରୁବାର କରିଛନ୍ତି। ବିକ୍ରମଙ୍କ ସ୍ତ୍ରୀ ଲିଜା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅପରାହ୍ନ ୪ଟାରେ ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଗାଁର ପ୍ରତିମା ମଲ୍ଲିକ, ଶ୍ରୀମତୀ ମଲ୍ଲିକ, ସଞ୍ଜୁଲତା ମଲ୍ଲିକ, ସୁଲୋଚନା ମଲ୍ଲିକ, କୁଞ୍ଜଲତା ଜେନା, ମାଳତି ମଲ୍ଲିକ, ବିଳାସୀ ମଲ୍ଲିକ, ସୁକୁମାରୀ ମଲ୍ଲିକ, ହାରବାଟି ମଲ୍ଲିକ, ଅଞ୍ଜନା ମଲ୍ଲିକ, ଜେମାମଣି ମଲ୍ଲିକ, ଆରତୀ ମଲ୍ଲିକ, ଚମ୍ପାବତୀ ମଲ୍ଲିକ, ଅନିତା ମଲ୍ଲିକ, ପ୍ରତିମା ମଲ୍ଲିକ, ଝୁନାରାଣୀ ମଲ୍ଲିକ, ରିତାରାଣୀ ମଲ୍ଲିକ, ବାସନ୍ତୀ ପାତ୍ର, ନିତ୍ୟାନନ୍ଦ ମଲ୍ଲିକ, ଗଗନ ମଲ୍ଲିକ, ବିଚିତ୍ର ମଲ୍ଲିକ, ବାମଦେବ ପାତ୍ର ତାଙ୍କ ଘର ଭିତରେ ପଶିଥିଲେ। ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ଶାଶୁ, ଶ୍ୱଶୁରଙ୍କୁ ଠେଙ୍ଗା, ବାଡି ଆଦିରେ ଅତର୍କିତ ଆକ୍ରମଣ କରିଥିଲେ। ଲିଜାଙ୍କ ବେକରେ ଥିବା ସୁନା ଚେନ ଛଡାଇ ନେଇଥିବା ବେଳେ ତାଙ୍କ ମୋବାଇଲ ମଧ୍ୟ ନେଇ ଯାଇଛନ୍ତି। ତାଙ୍କୁ ଚୁଟି ଘୋଷାଡ଼ି ମାଡ଼ ମାରିଥିବା ବେଳେ ଶାଶୁଙ୍କୁ ବିଧା, ଗୋଇଠା ମାରିଥିଲେ। ଘର ଭିତରେ ପଶି ଆସବାବପତ୍ର ଭାଙ୍ଗି ଦେବା ସହିତ ୫୦ ହଜାର ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଏପରି କି ସେମାନେ ସରପଞ୍ଚଙ୍କୁ ମାରିଦେବା ସହିତ ଘରକୁ ଜାଳିଦେବାକୁ ଧମକ ଦେଇଛନ୍ତି। ଏ ନେଇ ଥାନାରେ ନଂ. ୫୬୯/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।


ଥାନାରେ ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚଙ୍କ ସ୍ତ୍ରୀ ଲିଜା ମଲ୍ଲିକ।

# ସମାଧାନ ନ ହେଲେ ଲୋକପାଳରେ ଅଭିଯୋଗ କର

**ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜନସଚେତନତା**



କାର୍ଯ୍ୟକ୍ରମରେ ଲୋକପାଳ ପଙ୍କଜ କୁମାର ନାୟକ ଓ ଅନ୍ୟମାନେ।

ରାହାମା,୨୯।୧୨(ଡି.ଏନ୍.ଏ.)

ଦିନକୁ ଦିନ ସାଇବର ଠକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏନେଇ ବ୍ୟାଙ୍କର ଅନେକ ଗ୍ରାହକ ଠକାମିର ଶିକାର ହୋଇ ଅତିଷ୍ଠ ହେଉଛନ୍ତି। ଏହାର ନିରାକରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ରିଜର୍ଭ ବ୍ୟାଙ୍କ ଲୋକପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକଙ୍କ ସୁରକ୍ଷା ପାଇଁ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ଶାରଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ରିଜର୍ଭ ବ୍ୟାଙ୍କ ଲୋକପାଳ ପଙ୍କଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନ ସଚେତନତା କାର୍ଯ୍ୟକ୍ରମରେ ଆଶିଷ ରାଜମଣି କେର୍କେଟା, ବାପୁଜୀ ସୁବୁଦ୍ଧି, ସନ୍ତୋଷ କୁମାର ମିଶ୍ରା, ବି.ବି. ମହାନ୍ତି, ଦେବୀପ୍ରସାଦ ପାଲ ପ୍ରମୁଖ ବ୍ୟାଙ୍କ ଅଧିକାରୀଙ୍କ ସମେତ ଶାରଳା ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ସାଇବର ଠକେଇରୁ କିପରି ବ୍ୟାଙ୍କ ଗ୍ରାହକମାନେ ସୁରକ୍ଷିତ ରହିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରିଜର୍ଭ ବ୍ୟାଙ୍କ ଅଧୀନରେ ଆସୁଥିବା ସମସ୍ତ ଅର୍ଥ କାରବାର କରୁଥିବା ସଂସ୍ଥା ଗ୍ରାହକମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାର ପ୍ରାବଧାନ ରହିଛି। ଅସନ୍ତୁଷ୍ଟ ଗ୍ରାହକମାନେ ନିର୍ଦ୍ଦିଷ୍ଟ ସଂସ୍ଥାରେ ଅଭିଯୋଗ କରିବାର ୩୦ଦିନ ମଧ୍ୟରେ ସମାଧାନ ନ ପାଇଲେ ରିଜର୍ଭ ବ୍ୟାଙ୍କ ଲୋକପାଳଙ୍କୁ http://cms.rbi.inରେ ନିଜ ମୋବାଇଲ ନମ୍ବର ଓ ଇ-ମେଲ ଆଇଡି ଦେଇ ଅଭିଯୋଗ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲୋକପାଳ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଶାରଳା ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଜନସାଧାରଣ ସାମିଲ ହୋଇଥିଲେ।

### ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରାଯିବ

ବିରିଡି/ବାଲିଆ,୨୯।୧୨ (ଡିଏନ୍.ଏ./ସ୍ୱ.ପ୍ର.)

ବିରିଡି ବ୍ଲକ ହାଜିପୁର ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଧାନକୁଦ ଜଗନ୍ନାଥ ମନ୍ଦିରରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଜିପୁର ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ସୁଜିତ ମହାନ୍ତିଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡ. ପ୍ରକାଶ କୁମାର ଦଳାଇ, ଜିଲା ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ କ୍ଷିତୀଶ ଦାସ, ସମ୍ପାଦକ ବଳରାମ ଦଳାଇ, କୋଷାଧ୍ୟକ୍ଷ ବନୋଜ ନାୟକ, ତିର୍ତ୍ତୋଲ ମଣ୍ଡଳ ସଭାପତି ମିଳନ ସ୍ୱାଇଁ, ଯୁବ ସଭାପତି ତିର୍ଥନାଥ ବାରିକ, ଜୟପୁର ମଣ୍ଡଳ ସଭାପତି ସଞ୍ଜୟ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନକୁ ତୃଣମୂଳସ୍ତରରୁ କିପରି ମଜଭୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ସୌମ୍ୟରଞ୍ଜନ ମିଶ୍ର, ରାମକୃଷ୍ଣ ପରିଜା, କମଳ ବ୍ରହ୍ମା, ସିତାଂଶୁ ପଣ୍ଡା, ପ୍ରମୁଖ ସାମିଲ ହୋଇଥିଲେ।

# ଖବରଦାତା ଗଣତନ୍ତ୍ରର ରକ୍ଷାକବଚ



ବାର୍ଷିକୋତ୍ସବରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

**ଏରସମା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ**

ଏରସମା,୨୯।୧୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ହାୱାଖାନା ପ୍ରକୃତିକ ପରିବେଶରେ ଏରସମା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପ୍ତି ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ତଥା ଜିଲା ପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ ଯୋଗ ଦେଇ ଖବରଦାତାମାନେ ସମାଜରେ ଘଟୁଥିବା ପ୍ରତ୍ୟେକ ଘଟଣାକୁ ଲୋକଲୋଚନକୁ ଆଣନ୍ତି । ସେଥିପାଇଁ ସେମାନେ ଗଣତନ୍ତ୍ରର ରକ୍ଷାକବଚ ବୋଲି କହିଥିଲେ। ଏଥିରେ ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ପାର୍ଥସାରଥି ରାଉତ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ସ୍ୱାଇଁ, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ନିମାଇଁ ଚରଣ ମଲ୍ଲିକ, ପଣ୍ଡିତ ନାଗୁ ଚରଣ ଦେବତା,ରାଜେନ୍ଦ୍ର ପ୍ରସାଦ ଜେନା, ଓଡ଼ିଶା ସାମ୍ବାଦିକ ସଂଘ ଜିଲା ସଭାପତି ସୁନାକର ବେହେରା, ଜିଲା ଖବରଦାତା ଶଶାଙ୍କ ଶେଖର ପଣ୍ଡା, ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା,ପ୍ରତିକାର ଓ ଉପକୂଳ ସୁରକ୍ଷା ଆଦି ବିଷୟରେ ବକ୍ତବ୍ୟ ଦେଇଥିଲେ। ସଭାରେ ସଂଘ ମୁଖ୍ୟ ଉପଦେଷ୍ଟା ସୁଶୀଲ କୁମାର ମହାନ୍ତି ଅତିଥି ପରିଚୟ ଓ ସମ୍ପାଦକ ସ୍ମୃତିରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ସଂଘର ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ପ୍ରକୃତି ବନ୍ଧୁ ବୈକୁଣ୍ଠ ପ୍ରଧାନ, ସାହିତ୍ୟିକ କୈଳାସ ଚନ୍ଦ୍ର ପ୍ରଧାନ, ଖବରଦାତା ଟୁକନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇନ ପରାମର୍ଶଦାତା ପ୍ରତାପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ପାରାଦୀପ,୨୯।୧୨(ସ୍ୱ.ପ୍ର.)

ପାରାଦୀପ ଫସଫେଟସ୍ ଲିମିଟେଡ (ପିପିଏଲ୍) ଟାଉନଶିପରେ ଥିବା ଡିଏଭି ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ପିପିଏଲ ସିଏମଓ ପ୍ରଣବ ଭଟ୍ଟାଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଏଲ୍‌ର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବକୁ ଶିକ୍ଷକ ଶାଶ୍ୱତ ଭାରତୀୟ, ରାଜଶ୍ରୀ ମହାପାତ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣି କାର୍ଯ୍ୟକ୍ରମରେ ସିଏମଓ ଭଟ୍ଟାଚାର୍ଯ୍ୟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ପାଣିକୋଇଲିରେ ଅଗ୍ନିକାଣ୍ଡ

ପାଣିକୋଇଲି,୨୯।୧୨(ଡି.ଏନ.ଏ.)

ପାଣିକୋଇଲି ଗ୍ରାମର ୱାର୍ଡ ନମ୍ବର ୩ରେ ଥିବା ବଟକୃଷ୍ଣ ମଲ୍ଲିକଙ୍କ ଘରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ତାଙ୍କର ୨ ବଖରା ଘର ପୋଡିଯାଇଛି। ପଡ଼ୋଶୀଙ୍କ ମଟରରୁ ପାଣି ଚଲାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା। ଖବର ପାଇ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଘଟଣାସ୍ଥଳେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ନିଜସ୍ୱ ଉଦ୍ୟମରେ ତାଙ୍କୁ କମ୍ବଳ, ଚାଉଳ, ରାଶନ ଯୋଗାଇ ଦେଇଛନ୍ତି।

# ୩ ପର୍ଯ୍ୟାୟରେ ଜିଲାର ସମସ୍ତ ଗାଁରେ ହେବ ସର୍ବେକ୍ଷଣ

**ଏକାଦଶ କୃଷି ଗଣନା ପାଇଁ ପ୍ରଥମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ**

- ନିୟୋଜିତ ହେବେ ୧୪୦ କର୍ମଚାରୀ
- ଜମି, ଚାଷୀ, ଯନ୍ତ୍ରପାତି, ସାର ଓ ଫସଲ ପ୍ରଣାଳୀ ଉପରେ ତଥ୍ୟ ସଂଗ୍ରହ ହେବ

ଜଗତ୍‌ସିଂହପୁର ଅଫିସ, ୨୯।୧୨

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ୧୦ମ କୃଷି ଗଣନାରେ ଜିଲାର ୨୦ ପ୍ରତିଶତ ଗାଁକୁ ସର୍ବେକ୍ଷଣ ପରିସରଭୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ଏକାଦଶ କୃଷି ଗଣନାରେ ଶତପ୍ରତିଶତ ଗାଁକୁ ସର୍ବେକ୍ଷଣ ପରିସରଭୁକ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜମିର ରେକର୍ଡ ଆଦିକୁ ଡିଜିଟାଲ ମୋବାଇଲ ଆପ ଜରିଆରେ ବ୍ୟବହାର କରାଯିବ। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରଥମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଏହା କୁହାଯାଇଛି। ଜିଲାପାଳ ପାରୁଲ ପଟୱାରୀ ବୈଠକରେ ପୌରୋହିତ୍ୟ କରି କୃଷି ଗଣନାର ଆଭିମୁଖ୍ୟ ଓ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବେକ୍ଷଣ ୩ଟି ପର୍ଯ୍ୟାୟରେ କରାଯିବ। ଜମିର ମାଲିକାନା, ଏହାର ଆକାର ଓ ପ୍ରକାର, ବ୍ୟବହୃତ କୃଷି ଜମି, ଫସଲ ପ୍ରଣାଳୀ ସହ କ୍ଷୁଦ୍ର, ନାମମାତ୍ର, ବୃହତ୍ ଚାଷୀ, ବ୍ୟକ୍ତିଗତ, ଯୁଗ୍ମ, ଆନୁଷ୍ଠାନିକ କୃଷି, କୃଷି ଯନ୍ତ୍ରପାତିର ଉପଯୋଗ, ଜୈବିକ, ରାସାୟନିକ ସାର ଏବଂ କୀଟନାଶକ ଆଦିର ବ୍ୟବହାର ଉପରେ ତଥ୍ୟ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର କ୍ଷେତ୍ର ପର୍ଯ୍ୟବେକ୍ଷକ, ରାଜସ୍ୱ ବିଭାଗ ଅମିନ, ଏଆର୍‌ଆଇ ଓ କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀମାନେ ଗଣନାକାରୀ ଭାବେ ନିୟୋଜିତ ହେବେ। ରାଜସ୍ୱ ନିରୀକ୍ଷକ, ପରିସଂଖ୍ୟାନ ଅଧିକାରୀ ଏବଂ ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀମାନେ ସୁପରଭାଇଜର ଭାବେ ଦାୟିତ୍ୱ ବହନ କରିବେ। ଜିଲାର ସମସ୍ତ ଗ୍ରାମରେ ଏହି ସର୍ଭେ କାର୍ଯ୍ୟ ପାଇଁ ୧୪୦ ଜଣ କର୍ମଚାରୀ ନିୟୋଜିତ ହେବେ ବୋଲି ଜିଲାପାଳ କହିଥିଲେ। ବୈଠକରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ସବିତା ସାହୁ ଯୋଗଦେଇ ସର୍ବେକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବୀର କିଶୋର ପରିଡ଼ା, ଏଆର୍‌ସିଏସ୍ ଶିବ ଚରଣ ମହାନ୍ତି, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ବିନୋଦିନୀ ମାହାଲି, ଜିଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟକୁ ନେଇ ହଟ୍ଟଗୋଳ

ବାଲିକୁଦା,୨୯।୧୨(ସ୍ୱ.ପ୍ର.)



ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ବାଲିକୁଦା ପଞ୍ଚାୟତ ସମିତି ବୈଠକ**

ବାଲିକୁଦା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ ହଟ୍ଟଗୋଳ ମଧ୍ୟରେ ଗୁରୁବାର ଶେଷ ହୋଇଛି। ଅଧ୍ୟକ୍ଷ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ଜିତେନ୍ଦ୍ର ନାୟକ, ଏବିଡିଓ ସଞ୍ଜୟ ଦାସ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୈଠକ ବେଶ ସରଗରମ ହୋଇଥିଲା। ବିଭିନ୍ନ ସମସ୍ୟା ଓ ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟକୁ ନେଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ପୂର୍ବ ବୈଠକର ଆଲୋଚନା ବିବରଣୀ, ଅନୁଯାୟୀ କରା ନ ଯାଇ ମନ ଗଢ଼ା ବିବରଣୀ ତାଲିକା ପ୍ରସ୍ତୁତକୁ ନେଇ ହଟ୍ଟଗୋଳ ହୋଇଥିଲା। ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ କେତେକ ପ୍ରସ୍ତାବ ଓ ଅନ୍ୟ ପଞ୍ଚାୟତର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇବାରୁ ଅଧ୍ୟକ୍ଷ ଏହାର ପ୍ରତିବାଦ କରିଥିଲେ। ପରେ ସାହୁ କକ୍ଷ ଛାଡି ବାହାରି ପଳାଇ ଯାଇଥିଲେ। ପରେ ବିଡିଓ ନାୟକ, ଏବିଡିଓ ଦାସ, ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ସରପଞ୍ଚ ରମେଶ ସ୍ୱାଇଁ ପ୍ରମୁଖ ତାଙ୍କୁ ବୁଝାଶୁଝା କରି ଗୃହକୁ ଆମନ୍ତ୍ରଣ କରି ନେଇଥିଲେ। ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଦାଧର ସାହୁ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ପୂର୍ବ ବୈଠକରେ ଜନପ୍ରତିନିଧିମାନେ ରଖିଥିବା ପ୍ରସ୍ତାବଗୁଡ଼ିକ ଭିତରୁ ଗୋଟିଏ ହେଲେ କାର୍ଯ୍ୟକାରୀ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ସାହୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଓ ସ୍ତ୍ରୀ ରୋଗ ପ୍ରସୂତି ବିଭାଗରେ ଦେଖା ଦେଉଥିବା ସମସ୍ୟାର ସମାଧାନ ଉପରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ମହିଳା ଶିଶୁ ବିକାଶ, ଯୋଗାଣ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ଉନ୍ନୟନ ଭଳି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ତଟିନୀ ସ୍ୱାଇଁ, ଡଲି ପଣ୍ଡା, ଚୁନିଲତା ବେହେରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପାଧ୍ୟକ୍ଷା ପଲାଉର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

**ନୟାଗଡ଼ ଅଫିସ,୨୯।୧୨:** ଜଣେ ସାଇକେଲ ଚୋରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୁରୁଣାସାହିର ସମୀର ନାୟକ । ଗତ ୩ ମାସ ତଳେ ସମୀର ନୟାଗଡ଼ ଏନଏସି ହାଇସ୍କୁଲ ସମ୍ମୁଖ ଗମ୍ଭାଡି ଗାଁର ବାବୁ ମହାପାତ୍ରଙ୍କ ସାଇକେଲ ଚୋରି କରିଥିଲେ । ସିସିଟିଭି କ୍ୟାମେରାରୁ ସମୀରଙ୍କ ସାଇକେଲ ଚୋରି ଧରା ପଡିଥିଲା। ଏନେଇ ବାବୁଙ୍କ ପରିବାର ତାଙ୍କୁ ପଚାରିବାରୁ ସେ କୋଲକତା ଫେରାର ହୋଇ ଯାଇଥିଲେ । ଗୁରୁବାର କେତେଜଣ ଲୋକ ସମୀରଙ୍କୁ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ ।

### କେପିଡି ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

**ଦଶପଲ୍ଲା,୨୯।୧୨(ଡି.ଏନ୍.ଏ.):** ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ଝିଅକୁ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡେ । ତେଣୁ ପାଠସହ ଚାଲିଚଳନ,ବ୍ୟବହାର,ରୋଷେଇ ବାସ, ସମାଜ ସେବା ଆଦି ଶିଖିବା ଉଚିତ୍ ବୋଲି ଗୁରୁବାର ଦଶପଲ୍ଲା କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଏବଂ ଏନ୍ଏସ୍ଏସ୍ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅଧକ୍ଷା ପୂର୍ଣ୍ଣମାସୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସଜ୍ଜନ କୁମାର ରାୟ, ସମ୍ମାନିତ ଅତିଥି ଡା.ପ୍ରଫୁଲ୍ଲ କୁମାର ଦାଶ ,ସୁରେଶ କୁମାର ବେହେରା,ଗଙ୍ଗାଧର ରଣା,ମଧୁସ୍ମିତା ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ । ଅଧାପିକା ନମିତା ପଣ୍ଡା,ସନ୍ଧ୍ୟାରାଣୀ ମିଶ୍ର,ବିଦ୍ୟୁତପ୍ରଭା ସାହୁ, ସବିତା ତ୍ରିପାଠୀ, ପିଇଟି ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ । ଏଥିରେ ବାର୍ଷିକ କ୍ରୀଡା ଏବଂ ଏନ୍ଏସ୍ଏସ୍ରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀମାନଙ୍କୁ ସମ୍ମାନ ପତ୍ର ଦିଆଯାଇଥିଲା । ନୂତନ ଭାବେ ହୁଳହୁଳି, ଶଙ୍ଖନାଦ, ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା କରାଯାଇଥିଲା । ଅଧାପକ ଧୃରେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଅବତରଣ କରାଯାଇଥିଲା ।

### ପ୍ରଥମ ମ୍ୟାଚ୍ରେ ମାଧପୁର ଟିମ୍ ବିଜୟୀ

**ଖଣ୍ଡପଡ଼ା,୨୯।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆରେ ରବିନ୍ଦ୍ର କୁମାର ପ୍ରଧାନ ପ୍ରଥମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଆରମ୍ଭ ହୋଇଛି । ଲାଲୁ ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍ରେ ବାଣପୁର-ବି କ୍ରିକେଟ କ୍ଲବକୁ ମାଧପୁର କ୍ରିକେଟ ଟିମ ୧ ଉଇକେଟ୍ରେ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ବାଣପୁର ଟିମ୍ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୭ ଉଇକେଟ ବିନିମୟରେ ୧୨୭ ରନ ସଂଗ୍ରହ କରିଥିଲା । ଜବାବ୍ରେ ମାଧପୁର ଟିମ ୬ ଉଇକେଟ ହରାଇ ୧୨୯ରନ ସଂଗ୍ରହ କରିଥିଲା । ଉଦ୍‌ଘାଟନୀ ମ୍ୟାଚରେ ବଡବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର ମୁଖ୍ୟ ଅତିଥି ରୁପେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଚନ୍ଦନ କୁମାର ଦଳେଇ, ରାଜା ଓ ପପୁ ଖେଳକୁ ପରିଚାଳନା କରିଥିଲେ।

**ରବୀନ୍ଦ୍ର କୁମାର ପ୍ରଧାନ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ**

### ବ୍ୟାଙ୍କ ଋଣ ନ ଶୁଝିବାରୁ ଘର ସିଲ୍

**ଛତ୍ରପୁର,୨୯।୧୨(ଡି.ଏନ.ଏ) -** ଋଣ ଟଙ୍କା ନ ଶୁଝିବାରୁ ବ୍ୟାଙ୍କ ପକ୍ଷରୁ ଛତ୍ରପୁର ସ୍ଥିତ ୮ନଂ ୱାର୍ଡର କପିଳସାହିର ଜନୈକ ବ୍ୟକ୍ତିଙ୍କ ଘରକୁ ଗୁରୁବାର ସିଲ କରାଯାଇଛି। ଉକ୍ତ ସାହିର ନରସିଂହ ଆଚାରୀଙ୍କ ପୁଅମାନେ ଘରର ପ୍ରପଟି ଗ୍ୟାରେଣ୍ଟି ରଖି ୨୦୨୦ ଫେବୃଆରୀ ୧୪ରେ ଛତ୍ରପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ୪୨ ଲକ୍ଷ ଋଣ ନେଇଥିଲେ। ମଳୟ କୁମାର ଆଚାରୀ ୬ ଲକ୍ଷ, ରବିନ୍ଦ୍ର ଆଚାରୀ ୮ ଲକ୍ଷ, ଭାସ୍କର ଆଚାରୀ ୮ ଲକ୍ଷ, ଚନ୍ଦ୍ର ଶେଖର ଆଚାରୀ ୮ଲକ୍ଷ, ହେମନ୍ତ ଆଚାରୀ ୬ ଲକ୍ଷ ଓ ହିତେଶ ଆଚାରୀ ୬ ଲକ୍ଷ ଋଣ ନେଇଥିଲେ। ୨ବର୍ଷ ୧୦ ମାସ ବିତିଯାଇଥିଲେ ବି ଋଣ ଟଙ୍କା ଶୁଝିପାରି ନ ଥିଲେ । ବର୍ତ୍ତମାନ ଶୁଝିବାକୁ ସୁଧ ସହ ୬୫ ଲକ୍ଷ ହୋଇଥିବା ବ୍ୟାଙ୍କର ଆଞ୍ଚଳିକ ଶାଖା ପ୍ରବନ୍ଧକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି। ଭାସ୍କର ଆଚାରୀଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ପରିବାରକୁ ନୋଟିସ ଦିଆଯାଇଥିଲା। ବହୁବାର ନୋଟିସ ଦିଆଯାଇଥିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଛତ୍ରପୁର ପୋଲିସ ଫୋର୍ସ ଉପସ୍ଥିତିରେ ଉକ୍ତ ଘରକୁ ସିଲ କରାଯାଇଛି।

# ୧୬୭ ମଣ୍ଡିରୁ ଖୋଲିଛି ୨

- ଅଭାବୀ ଧାନ ବିକ୍ରିକୁ ପ୍ରୋତ୍ସାହନ
- ଧାନକିଣା ତ୍ୱରାନ୍ୱିତ ନ ହେବା ପଛରେ ମନ୍ଦ ଉଦ୍ଦେଶ୍ୟ
- ୭ ଦିନରେ ୮୧ କୁଇଣ୍ଟାଲ ହୋଇଛି ଧାନ କିଣା

**ନୟାଗଡ଼ ଅଫିସ,୨୯।୧୨**

ନୟାଗଡ଼ ଜିଲାରେ ଅଭାବୀ ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି । ଧାନ କିଣା ତ୍ୱରାନ୍ୱିତ ନ ହେବା ପଛରେ ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଛି । ଚାଷୀ ବାଧ ହୋଇ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ଆସୁଛି । ଜିଲାରେ ଏଯାବତ ୧୬୭ ମଣ୍ଡିରୁ ୨ଟି ଖୋଲିଛି । ଗତ ୭ଦିନରେ ୮୧ କୁଇଣ୍ଟାଲ ୭୦ କେଜି ଧାନ କିଣା ହୋଇଛି । ଡିସେମ୍ବର ଶେଷ ହେବାକୁ ମାତ୍ର ୨ ଦିନ ଥିଲେ ମଧ୍ୟ ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇ ପାରୁ ନାହିଁ ବୋଲି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ୨୦୨୨-୨୩ରେ ଧାନ ମଣ୍ଡିର ଶୁଭାରମ୍ଭ ଗତ ୨୩ ତାରିଖରେ ନୟାଗଡ ଜିଲା ସଦର ମହକୁମାରେ କରାଯାଇ ୬୪.୭୦ କୁଇଣ୍ଟାଲ ଧାନ କିଣା ହୋଇଥିଲା । ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଖଣ୍ଡପଡ଼ା ରୋଡର ବହୁବିଧ ପଣ୍ୟଦ୍ରବ୍ୟ ବଜାର ପ୍ରାଙ୍ଗଣରେ ଖୋଲିଥିବା ମଣ୍ଡିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ । ଜିଲାରେ ୧୫୩ ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ ସଂଲଗ୍ନ ମଣ୍ଡିରେ ଧାନ କିଣା ହେବ ବୋଲି କୁହାଯାଇଛି । ଚାଷୀ ମଣ୍ଡିରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ । ମଣ୍ଡିରେ ଏଫଏକ୍ୟୁ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୨୦୪୦ ଟଙ୍କା ରହିଛି । ତେବେ ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀ ୧୨ଶହରୁ ୧୪ ଶହ ଟଙ୍କାରେ ଧାନ ବିକ୍ରି କରିଚାଲିଛି। ଜିଲାରେ ଅଭାବୀ ଧାନ ବିକ୍ରି ହେଉଥିଲେ ମଧ୍ୟ ସରକାରୀସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ମେସେଜ୍ ଆସୁନି

ଧାନ ମଣ୍ଡି ଖୋଲି ନ ଥିବାବେଳେ ଧାନ ବିକ୍ରି କରିବାକୁ ଚାଷୀଙ୍କ ମୋବାଇଲକୁ ମାସେଜ ମଧ ଆସୁନି । କେତେଜଣ ହାତଗଣତି ଚାଷୀଙ୍କୁ ଛାଡିଦେଲେ ଅନ୍ୟମାନଙ୍କୁ ଧାନ ବିକ୍ରି କରିବାକୁ ମ୍ୟାସେଜ ଆସିନି । ଧାନ ବିକ୍ରି କରିବାକୁ ଚାଷୀ ବ୍ୟଗ୍ର ଥିବାବେଳେ ପ୍ରଶାସନ ପକ୍ଷରୁ ଜାଣି ଶୁଣି ବିଳମ୍ବ କରାଯାଉଛି । ଏନେଇ ଏଆରସିଏସ୍ ହାଡିବନ୍ଧୁ ମହାକୁଡ଼ କୁହନ୍ତି, ଧାନ କିଣା ପାଇଁ ଚାଷୀଙ୍କ ପାଖକୁ ପ୍ରଥମ ପର୍ଯ୍ୟାୟ ମାସେଜ ଆସିଛି । ପର୍ଯ୍ୟାୟ କ୍ରମେ ଚାଷୀଙ୍କ ପାଖକୁ ଆସିବ । ଚଳିତ ବର୍ଷ ଧାନ କିଣା ଠିକ୍‌ରେ ହେବ ବୋଲି ସେ କହିଛନ୍ତି । ଏନେଇ ଦଶପଲ୍ଲାର ସିପିଆଇ(ଏମ) ନେତା ଶରତ ବେହେରା କୁହନ୍ତି, ଚାଷୀ ଅଭାବୀ ଧାନ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ଫନ୍ଦି ଫିକର କରାଯାଇଛି । ନାଁ କୁ ମାତ୍ର ୨ଟି ଧାନ ମଣ୍ଡି ଉଦ୍‌ଘାଟନ କରି ସବୁ କିଛି ଠିକ୍‌ଠାକ୍ ଚାଲିଛି କୁହାଯାଉଛି । ପାହାଡିଆ ଅଞ୍ଚଳ ଯୋଗୁ ୯୦ ପ୍ରତିଶତ ଅଞ୍ଚଳରେ ଧାନ କଟା ଓ ଯୁଦ୍ଧକାଳୀନ ଭିତ୍ତିରେ ଧାନ ଅମଳ କରାଯାଉଛି । ଅନେକ ଚାଷୀ ୧୫ରୁ ୧ମାସ ଧାନକୁ ଗଚ୍ଛିତ ରଖି ଧାନକୁ ବ୍ୟବସାୟୀଙ୍କୁ ବିକ୍ରି କରି ସାରିଲେଣି । ମଣ୍ଡି ଡେରିରେ ଖୋଲିଲେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଧାନ ବିକ୍ରି କରିବ । ମିଲର ଚାଷୀର ଧାନକୁ କମ୍ ଦରରେ କିଣି ଜାଲିଆତି କରାଯାଇଥିବା ନକଲି ଚାଷୀଙ୍କ ନାଁରେ ଧାନ ବିକ୍ରି କରିବ । ସାମାଜିକ କର୍ମୀ ବିଶ୍ୱନାଥ ମହାପାତ୍ର କୁହନ୍ତି, ଡିସେମ୍ବର ଶେଷ ହେବାକୁ ବସିଛି । ମାତ୍ର ୨ଟି ମଣ୍ଡି ଖୋଲାଯାଇଛି । ଏଥିପାଇଁ ସେମାନେ ଅଭାବୀ ବିକ୍ରି କରି କ୍ଷତି ସହୁଛନ୍ତି ।

## ପୁଣି ମିଲରଙ୍କୁ ଅନୁକମ୍ପା

ମିଲରଙ୍କୁ ଅନୁକମ୍ପା ଦେଖାଇ ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ନାୟକ କିଛି ଦିନ ତଳେ ନିଲମ୍ବିତ ହୋଇଥିଲେ । ଏବେ ପୁଣି ସରକାରୀ ଅର୍ଥରାଶି ଅସୁଲ ବକେୟା ରଖି ମିଲରମାନଙ୍କୁ ଧାନ କିଣିବାକୁ ସୁଯୋଗ ଦିଆଯାଇଛି । କଂଗ୍ରେସର ପ୍ରତିବାଦ ଓ ଆନ୍ଦୋଳନ ଧମକ ସତ୍ତ୍ୱେ ଜିଲା ଯୋଗାଣ ବିଭାଗ ଧାନ କିଣା ୨୩ରୁ ଆରମ୍ଭ କରିଛି । ସରକାରୀ ଅର୍ଥରାଶି ଅସୁଲ ବକେୟା ଥିଲେ ମିଲରମାନେ ପୁଣିଥରେ ଧାନ କିଣିବାକୁ ଚୁକ୍ତିନାମା କରି ପାରବେ ନାହିଁ ବୋଲି ସରକାରୀ ନିୟମ ରହିଛି । ଏନେଇ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେବା ପରେ ଖରିଫ ମାର୍କେଟିଂ ସେସନ ୨୦୨୨-୨୩ ପାଇଁ ଏହି ନୀତି ଲାଗୁ ହୋଇଛି । ତେବେ ନୟାଗଡ଼ ଜିଲାରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ମିଲରମାନଙ୍କୁ ଅନୁକମ୍ପା ଦେଖା ଯାଇଛି। ୧୭ ମିଲର ଗତ ଆର୍ଥିକ ବର୍ଷରେ ଧାନରୁ ଚାଉଳ କରିବାକୁ ୩ କୋଟି ୬୯ଲକ୍ଷ ୧୧ ହଜାର ୭୧୪ ଟଙ୍କା ଅଧିକ ନେଇ ଯାଇଛନ୍ତି । ସେହି ଟଙ୍କାକୁ ଅସୁଲ କରିବାକୁ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୭୧୧୫ ମେ ୧୨ ତାରିଖରୁ ନିର୍ଦ୍ଦେଶ ରହିଛି । ଏଥିରୁ ମାତ୍ର ୨ କୋଟି ୧୨ ଲକ୍ଷ ୨୬ ହଜାର ୮୦୦ ଟଙ୍କା ପରିଶୋଧ କରିଛନ୍ତି । ଅବଶିଷ୍ଟ ୧କୋଟି ୫୬ ଲକ୍ଷ ୮୪ ହଜାର ୯୧୪ ଟଙ୍କା ଫେରାଇ ନ ଥିବା ଆରଟିଆଇ ତଥ୍ୟ ମିଳିଛି । ଏନେଇ ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ କୁହନ୍ତି, ଧାନରୁ ଚାଉଳ କରିବା ନେଇ ମିଲରମାନେ ଟଙ୍କା ଫେରାଇବା କଥା ଜାଣି ନାହାନ୍ତି । ତେବେ ଧାନ କିଣା ସହିତ ଏହାର କିଛି ସମ୍ପର୍କ ନାହିଁ । ମିଲରମାନେ ଧାନ କିଣିବାକୁ ସିକ୍ୟୁରିଟ ଟଙ୍କା ଡିପୋଜିଟ୍ କରିଛନ୍ତି । ୧୭ ମିଲରଙ୍କ ମଧ୍ୟରୁ ୧୪ ଜଣ ବର୍ତ୍ତମାନ ଧାନ କିଣିବାକୁ ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି ।

## ବସ୍‌ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




**ଟାଙ୍ଗୀ (ଖୋର୍ଦ୍ଧା), ୨୯।୧୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଚାନ୍ଦପୁର ବଜାର ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା । ଏହା ଦେଖି ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ପଡିଥିଲେ । ଫଳରେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ । ସୂଚନା ମୁତାବକ, ବାଙ୍କେଶ୍ୱରୀ ବସ୍ ବ୍ରହ୍ମପୁରରୁ ଯାତ୍ରୀଙ୍କୁ ନେଇ ରଣପୁର ଅଭିମୁଖେ ଯାଉଥିବା ବେଳେ ହଠାତ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା । ଡ୍ରାଇଭର ତୁରନ୍ତ ଗାଡ଼ିକୁ ରଖି ପାଣି ପକାଇବାରୁ ନିଆଁକୁ ଆୟତ୍ତ କରାଯାଇଥିଲା ।

# ହାତକୁ ହାତ ଯୋଡୋ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା ।

**ନୟାଗଡ଼ ଅଫିସ,୨୯।୧୨**

ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତି ଏବଂ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାରେ ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି । ଜିଲା ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ସଂଗ୍ରାମୀ ଭବନ ଠାରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ପୂର୍ବତନ ଏମ୍‌ପି ନକୁଳ ନାୟକ ଯୋଗ ଦେଇଥିଲେ । ଆସନ୍ତା ଜାନୁୟାରୀ ୨୬ରୁ ବ୍ଲକ ସଦର ମହକୁମାରେ ଦଳୀୟ ନେତା କର୍ମୀ ଜାତୀୟ ପତାକା ଧରି ପଞ୍ଚାୟତ ବୁଥ ବୁଲିବେ । ପ୍ରତ୍ୟେକ ବ୍ଲକ ସଭାପତିମାନେ ଯଥାଶୀଘ୍ର ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜନ କରାଇ ହାତକୁ ହାତ ଯୋଡ କାର୍ଯ୍ୟକ୍ରମର ଚୂଡାନ୍ତ ରୂପରେଖ ପ୍ରସ୍ତୁତି କରିବାକୁ କୁହାଯାଇଛି । ଆସନ୍ତା ଫେବୃୟାରୀ ମାସରେ ପିସିସି ସଭାପତି ଶରତ ପଟ୍ଟନାୟକ ଭାରତଯୋଡ ପରିବର୍ତ୍ତନ ଯାତ୍ରାରେ ଯୋଗ ଦେବେ । ଦଶପଲ୍ଲାର ବାଣିଗୋଚ୍ଛା ଠାରୁ ରାଜସୁନାଖଲା ପର୍ଯ୍ୟନ୍ତ ପିସିସି ସଭାପତି ଚାଲି ଚାଲି ଯିବା ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି । ବୈଠକରେ ଜିଲା ହାତକୁ ହାତ ଯୋଡ ସଂଯୋଜକ ବସନ୍ତ ମହାରଣା, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ପ୍ରତିମା ଜେନା, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ମୀର ଆବୁବାକର ସିଦ୍ଦିକ, ସମ୍ପାଦକ ହୁସେନ ଖାଁ , ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବୁଲୁ ପରିଡା , ଅଶୋକ ନାୟକ, ବାଙ୍କବିହାରୀ ଧଳ, କାଶୀନାଥ ନାୟକ, ଆରଜିପିଆରଏସ ସଂଯୋଜକ ସୁକାନ୍ତ ଶତପଥୀ, ସେବା ଦଳ ଜିଲା ସଂଯୋଜକ ବିମଳ ଦାଶ, ହରିଜନ ସେଲ ସଭାପତି ଭଗବାନ ମଲ୍ଲିକ,ଆଇଏନଟିୟୁସି ଜିଲା ଅଧ୍ୟକ୍ଷ ଆଲୋକ ପ୍ରଧାନ, ଡିସିସି କୋଷାଧ୍ୟ ଚିତ୍ତରଞ୍ଜନ ପ୍ରଧାନ,ବରିଷ୍ଠ ନେତା ଲଡୁକେଶ୍ୱର ଷଡ଼ଙ୍ଗୀ, କବିରାଜ ନାୟକ, ଦିଗାମ୍ବର ବେହେରା, ଯୁବନେତା ଦିଲ୍ଲୀପ ଖୁଣ୍ଟିଆ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

## ଜାନୁୟାରୀ ୯,୧୦ରେ ବାରାଣସୀ ମହୋତ୍ସବ

**କାଶୀନଗର,୨୯।୧୨**

ଆସନ୍ତା ଜାନୁଆରୀ ୯ ଓ ୧୦ ତାରିଖରେ ବାରଣାସୀ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ବାଲା ସାୟାମ୍ମା ସଭାପତିତ୍ୱ କରିଥିବା ବେଳେ ବିଡିଓ କପିଳେଶ୍ୱର ତାଣ୍ଡି, ତହସିଲଦାର ଆଶିଷ କୁମାର ପ୍ରଧାନ, ଅଇଆଇସି ସୁଶାନ୍ତ କୁମାର ସାହୁ, ବିଇଓ ଆଦିକନ୍ଦ ଗମାଙ୍ଗ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା ଯୋଗଦେଇଥିଲେ।

## ଗୟଳ ଶିକାର, ମାଂସ ଜବତ

**ଓଡ଼ଗାଁ, ୨୯।୧୨(ସ୍ୱ.ପ୍ର.)**

**ଜଣଙ୍କୁ ଅଟକ ରଖିଛି ବନ ବିଭାଗ**

ନୟାଗଡ଼ ବନଖଣ୍ଡ ଓ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ମାଧୁଆମାରୁ ଗ୍ରାମ ସନ୍ନିକଟ ଅଣ ସଂରକ୍ଷିତ ଜଙ୍ଗଲ ନିକଟରେ ବୁଧବାର ରାତିରେ ଏକ ଗୟଳ ଶିକାର କରାଯାଇଛି । ଗୟଳ ଶିକାର ପରେ ମାଂସ ବିକ୍ରି କରାଯାଉଥିବା ବନ ବିଭାଗ ସୂଚନା ପାଇଥିଲା । ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ରେଞ୍ଜର ଆଶିଷ କୁମାର କଅଁର ଗୁରୁବାର ସକାଳ ସାଢେ ୭ଟାରେ ଘଟଣାସ୍ଥଳରେ ପହଞ୍ଚିଲେ । ହେଲେ ସେଠାରେ କେହି ନ ଥିଲେ । ବିଭାଗୀୟ ଅଧିକାରୀମାନେ ସେଠାରୁ ଗୟଳ ମୁଣ୍ଡ, ପୁଟା, ଗୋଡ ଓ କିଛି ବଳକା ମାଂସ ଜବତ କରିଥିଲେ । ଘଟଣାସ୍ଥଳରେ ହିଁ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ବିଦ୍ୟୁତ୍ ମହାନ୍ତଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପରେ ମାଂସ ଓ ମୁଣ୍ଡ ପୋତି ଦିଆଯାଇଥିଲା ବୋଲି ରେଞ୍ଜର କଅଁର ପ୍ରକାଶ କରିଛନ୍ତି । ଏହି ଘଟଣାରେ ସୁଦ୍ର ନୂଆଁପଲ୍ଲୀ ଗ୍ରାମର ନବ ବେହେରା (୪୫)ଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚୁରା କରୁଛି । ତାଙ୍କ ନିକଟରୁ ଏକ ଫାଶ ଜବତ କରାଯାଇଛି । ଏଥିସହିତ ବନ ବିଭାଗ ମାଂସ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି । ଶିକାର ହୋଇଥିବା ଗୟଳର ବୟସ ସାଢେ ୪ ବର୍ଷ ହେବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି ।

## କ୍ଷତ୍ରିୟ ଖଣ୍ଡାୟତ କୁଳର ବୈଠକ

**ଖଲ୍ଲିକୋଟ,୨୯।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନ୍ଦିଗାଁ ଗ୍ରାମରେ ଖଲ୍ଲିକୋଟ କ୍ଷତ୍ରିୟ ଖଣ୍ଡାୟତ କୁଳର ବାର୍ଷିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କନ୍ଦିଗାଁ ଗ୍ରାମରେ କ୍ଷତ୍ରିୟ ଖଣ୍ଡାୟତ କୁଳର ସଭାପତି ଦିନବନ୍ଧୁ ତରାଇଙ୍କ ଅଧକ୍ଷତାରେ ଆୟୋଜିତ ଏହି ବାର୍ଷିକ ବୈଠକରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇଥିଲେ। ବୈଠକରେ ବାଲ୍ୟ ବିବାହ ବନ୍ଦ କରିବା, ଯୌତୁକ ଜନିତ ସମସ୍ୟା ଓ ଖଣ୍ଡାୟତ କୁଳରେ ଥିବା ବିଭିନ୍ନ ସମସ୍ୟା ଉପରେ ବିଧାୟିକା ବୈଦ୍ୟଙ୍କ ସହ କୁଳର ସଦସ୍ୟମାନେ ଆଲୋଚନା କରିଥିଲେ। ବୈଠକରେ କୁଳର ଉପସଭାପତି ପିତବାସ ତରେଇ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ସାଥୀଙ୍କ ବୈଠକ

**ନୟାଗଡ଼ ଅଫିସ,୨୯।୧୨**

ନୟାଗଡ଼ ଜିଲା କୃଷକ ସାଥିଙ୍କ ଜିଲାସ୍ତରୀୟ ବୈଠକ ନୟାଗଡ଼ କେସି କ୍ଲବ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଛି । ୨୦୦୬ରୁ ସରକାର କୃଷି ବିଭାଗର କାମ କୃଷକ ସାଥିଙ୍କ ଦ୍ୱାରା କରାଉଛନ୍ତି । କୃଷିର ଜ୍ଞାନ କୌଶଳ ଚାଷୀଙ୍କ ପାଖରେ କୃଷକ ସାଥି ପଠାଉଛନ୍ତି । ଏଣୁ ସରକାର ଅନେକଥର କୃଷି କର୍ମଣ ପୁରସ୍କାର ପାଇଲେଣି । କିନ୍ତୁ କୃଷକ ସାଥିଙ୍କୁ ଅବହେଳିତ କରି ମାସକୁ ୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଉଛନ୍ତି । ବାରମ୍ବାର ଆନ୍ଦୋଳନ କଲେ ସୁଦ୍ଧା ସରକାର ପ୍ରତିଶ୍ରୁତି ଦେଇ କୃଷକ ସାଥିଙ୍କୁ ଅବହେଳିତ କରି ଚାଲିଛନ୍ତି । ଏହାର ପ୍ରତିବାଦରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଛି । ରାଜ୍ୟ ସଭାପତି କ୍ଷୀରୋଦ ବାରିକ, ଉପ ସଭାପତି ପ୍ରିୟତମା ଜେନା, କେନ୍ଦ୍ରୀୟ କମିଟି ସଦସ୍ୟ ଅଭିଜିତ୍ ଗୌତମ ,ରାଜ୍ୟ କମିଟି ସଦସ୍ୟ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବା ପାଇଁ ସମସ୍ତ କୃଷକ ସାଥିଙ୍କୁ ଆହ୍ୱାନ କରିଥିଲେ ।




ବୈଠକରେ ଯୋଗ ଦେଇଥିବା କୃଷକ ସାଥୀ ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ନୟାଗଡ଼ ଅଫିସ,୨୯।୧୨**

ଗୋଡିପଡ଼ାର ଶ୍ରୀ ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟଗ୍ରାମ ଦୟଣାଝରିଠାରେ ଏକ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ପଟ୍ଟନାୟକ, ସହକାରୀ ଶିକ୍ଷକ ତ୍ରିଲୋଚନ ସାହୁ,ପ୍ରଭାକର ପଟ୍ଟନାୟକ ,ପର୍ଶୁରାମ ବରାଡ ପ୍ରମୁଖ ଯୋଗଦେଇ ସେବା କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ପ୍ରକଳ୍ପ ସଂଯୋଜକ ଚିତ୍ତ ରଞ୍ଜନ ଦାଶ, ଅଧାପିକା ବାସନ୍ତୀ କୁମାରୀ ପ୍ରଧାନ, ବିଜ୍ଞାନଗାର ସହାୟକ ଶରତ ଚନ୍ଦ୍ର ମହାପାତ୍ର, ଅଧାପକ ସନ୍ତୋଷ କୁମାର ସାହୁ , ସଂସ୍କୃତ ପ୍ରଶିକ୍ଷକ ନିଳୟ ସିଂହ ମହାପାତ୍ର ପ୍ରମୁଖ ଯୋଗଦେଇ ଏନ୍ଏସ୍ଏସ୍ର ଗୁରୁତ୍ୱ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଲକ୍ଷ୍ମୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଗତ ୭ଦିନ ଧରି ଚାଲିଥିବା ଉକ୍ତ ଶିବିରର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛତା, ଚାରା ରୋପଣ, ଶିକ୍ଷା ଓ ସ୍ୱାସ୍ଥସେବା ଉପରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୁନିଲ ନାହାକ ଓ ସୌମ୍ୟରଞ୍ଜନ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା ।



ଶୀତକାଳୀନ ଶିବିରରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

## ବାଲୁକା କଳାରେ ଗୁରୁ ଗୋବିନ୍ଦ ସିଂ

**ଗଞ୍ଜାମ,୨୯।୧୨(ଡି.ଏନ.ଏ.)**

ଶିଖ ସମ୍ପ୍ରଦାୟର ଧର୍ମଗୁରୁ ଗୁରୁ ଗୋବିନ୍ଦ ସିଂଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଞ୍ଜାମ ବ୍ଲକର ବଟେଶ୍ୱର ବେଳାଭୂମିରେ ବାଲୁକା କଳା ପ୍ରଦର୍ଶିତ ହୋଇଛି। ସ୍ଥାନୀୟ କଣ୍ଟିଆଗଡ଼ ଗ୍ରାମର ଯୁବ ବାଲୁକାଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ବଟେଶ୍ୱର ବେଳାଭୂମିରେ ବାଲିରେ ଗୁରୁ ଗୋବିନ୍ଦ ସିଂଙ୍କ ପ୍ରତିକୃତି ନିର୍ମାଣ କରି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଟ୍ରେଜେରି ଅଫିସରେ ଜିଲାପାଳଙ୍କ ଚଢ଼ାଉ

**ନୟାଗଡ଼ ଅଫିସ,୨୯।୧୨**

- ଛୁଟି ନ ନେଇ ଅନୁପସ୍ଥିତ ଥିଲେ ଟ୍ରେଜେରି ଅଫିସର
- କାରଣଦର୍ଶାଅ ନୋଟିସ୍ ଜାରି କଲେ ଜିଲାପାଳ
- ଦରମା ଓ ପେନସନ ମିଳିବା ନେଇ ଅନିଶ୍ଚିତତା

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଟ୍ରେଜେରୀ ଅଫିସରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଗୁରୁବାର ପୂର୍ବାହ୍ନ ୧୦.୨୫ରେ ଅଚାନକ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଟ୍ରେଜେରୀ ଅଫିସର, ମୁଖ୍ୟ କିରାଣୀଙ୍କ ସମେତ ଅନ୍ୟ କର୍ମଚାରୀ ଛୁଟି ନ ନେଇ ଅନୁପସ୍ଥିତ ଥିଲେ । ଜିଲାପାଳ ଅସନ୍ତୋଷ ପ୍ରକାଶ କରି ଟ୍ରେଜେରୀ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ୩୦ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଉତ୍ତର ରଖିବାକୁ ଜିଲାପାଳ ଏଥିରେ ଉଲ୍ଲେଖ କରିଛନ୍ତି । ତେବେ ମାସ ଶେଷରେ ଟ୍ରେଜେରୀ ଅଫିସରଙ୍କ ସମେତ କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା, ଜିଲାପାଳଙ୍କ ଚଢ଼ାଉ, ଟ୍ରେଜେରୀ ଅଫିସରଙ୍କୁ କାରଣଦର୍ଶାଅ ନୋଟିସ୍ ପେନଶନ ଧାରୀ ଓ ଦରମା ନେଉଥିବା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରଭାବ ପକାଇପାରେ ବୋଲି ଆଲୋଚନା ହେଉଛି।

ଅଭିଯୋଗ ଅନୁଯାୟୀ, ଟ୍ରେଜେରୀ ଅଫିସର ସରକାରୀ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ଓ ପେନସନ ଭୋଗୀଙ୍କ ପେନସନ ପଠାଇବାରେ ହଇରାଣ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏପରିକି ଫାଇନାଲ ପେନସନ ମଞ୍ଜୁର ହୋଇଥିଲେ ମଧ ୩ରୁ ୪ମାସ ହେଲା ଅନେକ ଅବସରପ୍ରାପ୍ତ କର୍ମଚାରୀ ପେନସନ ଫାଇଲକୁ ଅଟକ ରଖା ଯାଇଛି ବୋଲି ଅନୁରୂପ ଅଭିଯୋଗ ହୋଇଥିଲା । ପୁଣି କେତେଜଣ କର୍ମଚାରୀ, ପେନସନଧାରୀଙ୍କ ଦରମାକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରି ରଖା ଯାଉଥିଲା ବୋଲି ଅଭିଯୋଗ ଥିଲା। ନିକଟରେ କେତେଜଣ ଶିକ୍ଷକ ପ୍ରତିବାଦ କରି ଆନ୍ଦୋଳନ କରିଥିଲେ । ଏନେଇ ଜିଲାପାଳ ଓ ରାଜ୍ୟ ଟ୍ରେଜେରୀ ଅଫିସରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏନେଇ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଆଟେଣ୍ଡାଣ୍ଟ ବିଳାସିନୀ ମହାପାତ୍ର କୁହନ୍ତି ପ୍ରୋଭିଜିନାଲ ପେନଶନ ମିଳୁଥିଲା । ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଠାରୁ ଫାଇନାଲ ପେନସନ ପାସ୍ ହୋଇ ଆସିବା ପରେ ୩ ମାସ ହେଲା ଫାଇଲ ପଡି ରହିଛି । ଏପଟେ ପ୍ରୋଭିଜିନାଲ ପେନଶନ ବନ୍ଦ ହୋଇ ଯାଇଥିବାବେଳେ ପେନସନ ମିଳୁନି । ବଡ ହଇରାଣରେ ବୁଲୁଛି କହି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ନୟାଗଡର ଖବରଦାତା ଗୋକୁଳ କୁମାର ଷଡଙ୍ଗୀ କୁହନ୍ତି ମୋ ସ୍ତ୍ରୀ ଜ୍ୟୋତିର୍ମୟୀ ମହାପାତ୍ର ପେନସନ ପାଇବା ପାଇଁ ଗତ ସେପ୍ଟେମ୍ବର ୨୭ରୁ ମେସେଜ ଆସିଲାଣି । ବାରମ୍ବାର ଟ୍ରେଜେରୀ ଅଫିସକୁ ଦୌଡିବା ପରେ ସୁଫଳ ମିଳି ନ ଥିଲା । ବହୁ ଦିନର ଅପେକ୍ଷା ପରେ ଅକ୍ଟୋବର ୧୧ରେ ଜିଲା ଟ୍ରେଜେରୀ ଅଫିସକୁ ଫାଇଲ ଆସିଥିବା ଉତ୍ତର ମିଳିଲା । ଏହା ପରେ ବି ପେନଶନ ମିଳିଲା ନାହିଁ । ଟ୍ରେଜେରୀ ଅଫିସର ଆମକୁ ପୁଣି ୧୫ ଦିନ ଅପେକ୍ଷା କରିବାକୁ କହିଥିଲେ । ଟ୍ରେଜେରୀ ଅଫିସର ସୁଚିତ କୁମାର ସାବତ କୁହନ୍ତି, ବୁଧବାର ଜିଲାପାଳଙ୍କ ଇନ୍ସପେକ୍ସନ ଥିଲା । ଜିଲାପାଳ ଇନ୍ସପେକ୍ସନକୁ ଆସି ନ ଥିଲେ । ମୋ ଦେହ ଖରାପ ଥିବାରୁ ମୁଁ ମେଡିକାଲକୁ ଯାଇଥିଲି । ଅନ୍ୟପକ୍ଷେ ବଡ଼ବାବୁଙ୍କ ସମେତ କେତେଜଣ କର୍ମଚାରୀଙ୍କୁ ସରକାରୀ କାର୍ଯ୍ୟରେ ପଠାଇଥିଲି । ଜିଲାପାଳ ଆସିବା ନେଇ ଜାଣିବାକୁ ପାଇଛି । ଜିଲାପାଳଙ୍କ କାରଣଦର୍ଶାଅ ନୋଟିସ୍ ପାଇଛି । ଏହାର ଉତ୍ତର ମଧ୍ୟ ଦେଇ ସାରିଛି ବୋଲି କହିଛନ୍ତି।

